# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of VictiMS

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୪୦, ଭୁବନେଶ୍ୱର, ଅଗଷ୍ଟ ୨୪ - ଅଗଷ୍ଟ ୩୦, ୨୦୨୬, Vol: 3, Issue: 40, Bhubaneswar, August 24 - August 30, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ଶଗଡ଼ ଆଉ ଲୋଦର

ପୃଷ୍ଠା ୮ GST Litigation: Appeal Mechanism...


# ସଂକଟରେ ଅଢେଇ ଲକ୍ଷ ପୂର୍ବତନ ସେନା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସେବା

## ଓଡ଼ିଶାରେ ECHS ବ୍ୟବସ୍ଥା ନେଇ ଅସନ୍ତୋଷ; ରେଫେରାଲ୍ କଟକଣାକୁ ନେଇ ବଢୁଛି ନିରାଶା

**ଆଦର୍ଶ କୁମାର ପଟ୍ଟନାୟକ**

ଦେଶର ସୁରକ୍ଷା ପାଇଁ ଦୀର୍ଘବର୍ଷ ସେବା ଯୋଗାଇ ଅବସର ନେଇଥିବା ସେନା କର୍ମଚାରୀ ଓ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ ସେବାକୁ ନେଇ ଓଡ଼ିଶାରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟରେ ପ୍ରାୟ ଅଢେଇ ଲକ୍ଷ ପୂର୍ବତନ ସେନା କର୍ମଚାରୀ ଓ ସେମାନଙ୍କ ଆଶ୍ରିତ ପରିବାର ସଦସ୍ୟ ଏହାର ସୁବିଧା ପାଇବାକୁ ଥିବାବେଳେ ECHS ବ୍ୟବସ୍ଥାରେ ଆବଶ୍ୟକ ଚିକିତ୍ସା ସୁବିଧା ମିଳୁନଥିବା ନେଇ ଅଭିଯୋଗ ହୋଇଛି। ପୂର୍ବତନ ସେନା କର୍ମଚାରୀଙ୍କ ଚିକିତ୍ସା ପାଇଁ କେନ୍ଦ୍ର ସରକାରଙ୍କ Ex-Servicemen Contributory Health Scheme (ECHS) ରହିଛି। ଏହି ଯୋଜନା ଅଧୀନରେ ଦେଶବ୍ୟାପୀ ଅନେକ ECHS ପଲିକ୍ଲିନିକ୍ ଓ ଅନୁବନ୍ଧିତ ହସ୍ପିଟାଲ ମାଧ୍ୟମରେ ଚିକିତ୍ସା ସୁବିଧା ଦିଆଯାଏ। ECHSର ନିଜସ୍ୱ ନିର୍ଦ୍ଦେଶାବଳୀ ଅନୁସାରେ ପଲିକ୍ଲିନିକ୍‌ରୁ ରେଫେରାଲ୍ ମିଳିବା ପରେ ଲାଭାର୍ଥୀ ଅନୁବନ୍ଧିତ ହସ୍ପିଟାଲରେ ଚିକିତ୍ସା ନେଇପାରନ୍ତି। ସେହି ନ୍ୟାୟରେ ଏବେ ଓଡ଼ିଶାରେ ଅଛି ଏକାଧିକ ECHS ପଲିକ୍ଲିନିକ୍। ଏହାର ସରକାରୀ ୱେବସାଇଟ୍‌ରେ ଓଡ଼ିଶାର ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ ଓ ଭବାନୀପାଟଣା ଆଦି ସ୍ଥାନରେ ECHS ପଲିକ୍ଲିନିକ୍ ଥିବା ଦର୍ଶାଯାଇଛି। ଏହା ସହ ଭୁବନେଶ୍ୱରରେ ECHSର ଏକ ଆଞ୍ଚଳିକ କେନ୍ଦ୍ର ମଧ୍ୟ କାର୍ଯ୍ୟ କରୁଛି। ତେବେ ଅଭିଯୋଗ ହେଉଛି, ରାଜ୍ୟରେ ପୂର୍ବତନ ସେନା କର୍ମଚାରୀ ଓ ଆଶ୍ରିତ ପରିବାରର ସଂଖ୍ୟା ତୁଳନାରେ ବିଶେଷଜ୍ଞ ଚିକିତ୍ସା ସୁବିଧା ସୀମିତ ରହିଛି। ଗୁରୁତର ରୋଗ କିମ୍ବା ବିଶେଷଜ୍ଞ ଚିକିତ୍ସା ଆବଶ୍ୟକ ହେଲେ ରେଫେରାଲ୍ ଉପରେ ନିର୍ଭର କରିବାକୁ ପଡୁଥିବାରୁ ରୋଗୀ ଓ ପରିବାର ଅନେକ ସମୟରେ ଅସୁବିଧାରେ ପଡୁଥିବା ଅଭିଯୋଗ ରହିଛି।

ସବୁବେଳେ ରେଫେରାଲ୍‌କୁ ନେଇ ଅସନ୍ତୋଷ ବ୍ୟାପୁଛି। ସମ୍ପ୍ରତି ଭୁବନେଶ୍ୱରର କିଛି ପ୍ରମୁଖ ଘରୋଇ ହସ୍ପିଟାଲକୁ ECHS ଅଧୀନରେ ରେଫେରାଲ୍ ନକରିବା ସମ୍ପର୍କରେ ନିର୍ଦ୍ଦେଶ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ନେଇ ପୂର୍ବତନ ସେନା କର୍ମଚାରୀ ମହଲରେ ଅସନ୍ତୋଷ ବଢୁଛି। ବିଶେଷକରି କିମ୍ସ ହସ୍ପିଟାଲ, କିମ୍ସ ସୁପର ସ୍ପେସିଆଲିଟି ହସ୍ପିଟାଲ ଓ ଉତ୍କଳ ହସ୍ପିଟାଲ ଭଳି ଚିକିତ୍ସା ପ୍ରତିଷ୍ଠାନକୁ ରେଫେରାଲରେ କଟକଣା ଲାଗିଥିବା ଅଭିଯୋଗକୁ ନେଇ ଲାଭାର୍ଥୀଙ୍କ ମଧ୍ୟରେ ନିରାଶା ବଢ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ, କିମ୍ସ ନିଜସ୍ୱ ପ୍ରକାଶିତ ସୂଚନାରେ ECHS ସମେତ ବିଭିନ୍ନ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଯୋଜନା ସହ ଅନୁବନ୍ଧିତ ଥିବା ଦର୍ଶାଉଛି। ଏହି ପ୍ରକିୟାରେ ଚିକିତ୍ସା ପାଇଁ ଦୂରଦୂରାନ୍ତରୁ ଲାଭାର୍ଥୀ ଆସୁଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରହୁଥିବା ପୂର୍ବତନ ସେନା କର୍ମଚାରୀ ଓ ସେମାନଙ୍କ ପରିବାର ଉଚ୍ଚତର ଚିକିତ୍ସା ପାଇଁ ଭୁବନେଶ୍ୱର ଉପରେ ନିର୍ଭର କରନ୍ତି। ଏପରି ସ୍ଥିତିରେ ଅନୁବନ୍ଧିତ ହସ୍ପିଟାଲ ସଂଖ୍ୟା କମିବା କିମ୍ବା ରେଫେରାଲ୍‌ରେ କଟକଣା ଲାଗିବା ଦ୍ୱାରା ରୋଗୀଙ୍କୁ ଅନ୍ୟ ହସ୍ପିଟାଲ ଖୋଜିବା, ଯାତାୟାତ କରିବା ଏବଂ ଚିକିତ୍ସା ଅନୁମୋଦନ ପାଇଁ ଅପେକ୍ଷା କରିବା ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବ ବିଶେଷକରି ବୃଦ୍ଧ ପେନସନଭୋଗୀ, ଗୁରୁତର ରୋଗୀ ଓ ଦୀର୍ଘମିଆଦୀ ଚିକିତ୍ସା ଆବଶ୍ୟକ କରୁଥିବା ପରିବାର ସଦସ୍ୟଙ୍କ ଉପରେ ପଡୁଛି। ଶାରୀରିକ ଅସୁବିଧା ସହିତ ଯାତାୟାତ ଖର୍ଚ୍ଚ, ଅତିରିକ୍ତ ଔଷଧ ଖର୍ଚ୍ଚ ଓ ଚିକିତ୍ସାରେ ବିଳମ୍ବ ଯୋଗୁଁ ଆର୍ଥିକ ଓ ମାନସିକ ଚାପ ବଢୁଥିବା ଅଭିଯୋଗ ରହିଛି। ECHSର ନିଜସ୍ୱ ନିୟମରେ ମଧ୍ୟ ରୋଗୀଙ୍କ ଅଧିକାର ରହିଛି ବୋଲି ସବୁ ଲାଭାର୍ଥୀ ଜାଣିନାହାଁନ୍ତି। ECHSର ପ୍ରକାଶିତ ନିର୍ଦ୍ଦେଶାବଳୀରେ ଲାଭାର୍ଥୀଙ୍କୁ ପଲିକ୍ଲିନିକ୍‌ରୁ ରେଫେରାଲ୍ ପରେ ଅନୁବନ୍ଧିତ ହସ୍ପିଟାଲରେ ଚିକିତ୍ସା ନେବାର ବ୍ୟବସ୍ଥା ଥିବା କୁହାଯାଇଛି। ଏପରିକି ECHS ନିଜ ୱେବସାଇଟ୍‌ରେ ଅନୁବନ୍ଧିତ ହସ୍ପିଟାଲରେ ବେଡ୍ ନମିଳିବା, ଖରାପ ସେବା, ଅବହେଳା କିମ୍ବା ଅନ୍ୟ ସମସ୍ୟା ହେଲେ ପ୍ରଥମେ ସମ୍ପୃକ୍ତ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକଙ୍କ ଦୃଷ୍ଟିକୁ ଆଣିବାକୁ କହିଛି। ଅନ୍ୟପକ୍ଷରେ, ECHSର ସରକାରୀ ନିର୍ଦ୍ଦେଶାବଳୀରେ ସରକାରୀ ହସ୍ପିଟାଲରେ ଚିକିତ୍ସା ସମ୍ପର୍କରେ ମଧ୍ୟ ବିଶେଷ ବ୍ୟବସ୍ଥା ରହିଛି। କେତେକ ନିର୍ଦ୍ଦିଷ୍ଟ ଗୁରୁତର ଚିକିତ୍ସା ବ୍ୟତୀତ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ରେଫେରାଲ୍ ଆବଶ୍ୟକ ନୁହେଁ ବୋଲି ଉଭୟ ନିୟମରେ ଉଲ୍ଲେଖ ରହିଛି।

ଦେଶର ସୁରକ୍ଷା ପାଇଁ ଜୀବନର ସୁବର୍ଣ୍ଣ ସମୟ ଉତ୍ସର୍ଗ କରିଥିବା ପୂର୍ବତନ ସେନା କର୍ମଚାରୀ ଓ ସେମାନଙ୍କ ପରିବାରକୁ ବୃଦ୍ଧାବସ୍ଥାରେ ସ୍ୱାସ୍ଥ୍ୟ ସେବା ପାଇଁ ଏଭଳି ଦୌଡ଼ିବାକୁ ପଡ଼ିବ ନାହିଁ, ଏଭଳି ଦାବି ଏବେ ଜୋର ଧରିଛି। ପୂର୍ବତନ ସେନା କର୍ମଚାରୀମାନଙ୍କ ଦାବି ହେଉଛି, ଓଡ଼ିଶାରେ ଲାଭାର୍ଥୀଙ୍କ ସଂଖ୍ୟା ଓ ଚିକିତ୍ସା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଗୁଣାତ୍ମକ ହସ୍ପିଟାଲକୁ ECHS ଅନୁବନ୍ଧରେ ଆଣିବା, ଆବଶ୍ୟକ ସ୍ଥାନରେ ରେଫେରାଲ୍ ବ୍ୟବସ୍ଥାକୁ ସରଳ କରିବା ଏବଂ ଚିକିତ୍ସା ଅନୁମୋଦନରେ ବିଳମ୍ବ ଦୂର କରିବା ଆବଶ୍ୟକ।


Odisha State Ex-Services League

NON NABH RATES DURING LAPSE PERIOD OF NABH ACCREDITATED HOSPITALS

Respected Sir,

President, OSESL

କେନ୍ଦ୍ର ସରକାର ଏବଂ ECHSର ଉଚ୍ଚ କର୍ତ୍ତୃପକ୍ଷ ଏହି ଅଭିଯୋଗଗୁଡ଼ିକର ଯାଞ୍ଚ କରି ତୁରନ୍ତ ପଦକ୍ଷେପ ନେବା ସହ ଓଡ଼ିଶାର ପୂର୍ବତନ ସେନା କର୍ମଚାରୀ ଓ ସେମାନଙ୍କ ପରିବାରକୁ ନିରବିଚ୍ଛିନ୍ନ ଓ ସମ୍ମାନଜନକ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଦାବି ହେଉଛି। ସେହି ମର୍ମରେ ଓଡିଶା ରାଜ୍ୟ ପୂର୍ବତନ ସୈନିକ ସଙ୍ଘ ଦାବି ରଖିଛି।

ଏହା ଉଲ୍ଲେଖନୀୟ ଯେ ECHSର ସରକାରୀ ୱେବସାଇଟ୍‌ରେ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ସହ ଓଡ଼ିଶାର ଏକାଧିକ ପଲିକ୍ଲିନିକ୍‌ର ତଥ୍ୟ ଉପଲବ୍ଧ ଅଛି। ଅଭିଯୋଗ ଦାଖଲ କିମ୍ବା ଅନୁବନ୍ଧିତ ହସ୍ପିଟାଲ ସମ୍ପର୍କିତ ସମସ୍ୟା ପାଇଁ ECHS ପକ୍ଷରୁ ଟୋଲ୍-ଫ୍ରି ୧୮୦୦-୧୧୪-୧୧୫ ମଧ୍ୟ ଦିଆଯାଇଛି।


FOR EXCLUSIVE WEDDING CARDS

ବନ୍ଧନ ସୁ-ସମ୍ପର୍କ ଗଢେ

ପ୍ରଥା ପରମ୍ପରାକୁ ଦେବାକୁ ସମ୍ମାନ। ବନ୍ଧନ ପରିବାର କରେ ନିବେଦନ।

Bandhan ସୁ-ସମ୍ପର୍କ ଗଢେ

WE HAVE NO BRANCH

8260685257 www.bandhancards.com 0674-2310196

## ମୁଖ୍ୟ ସ୍ତମ୍ଭ

EDITORIAL



 କୈଳାସ ଚନ୍ଦ୍ର ଶତପଥୀ

# ସେତେବେଳେ କରିଥିଲେ ଭଲ ହେଇଥାନ୍ତା

ଜୀବନ ଏକ ଅଙ୍କ। ଏହି ଅଙ୍କରେ କେବଳ ଯୋଗ କି ବିୟୋଗ ନୁହେଁ, ରହିଛି ସମୟ, ସୁଯୋଗ, ଦାୟିତ୍ୱ, ସମ୍ପର୍କ, ସ୍ୱପ୍ନ ଓ ସଂଘର୍ଷର ଅନେକ ସଂଖ୍ୟା। ଯେଉଁ ବୟସରେ ଯାହା କରିବା କଥା, ସେହି ସମୟରେ ତାହା କରିନପାରିଲେ ଜୀବନର ହିସାବ ଧୀରେ ଧୀରେ ଭୁଲ ହେବାକୁ ଲାଗେ। ପରେ ଯେତେ ଚେଷ୍ଟା କଲେ ମଧ୍ୟ କିଛି ଭୁଲର ଉତ୍ତର ଆଉ ସହଜରେ ମିଳେ ନାହିଁ।

ଶୈଶବ ହେଉଛି ହସିବା, ଖେଳିବା ଓ ଶିଖିବାର ସମୟ। କୈଶୋର ଓ ଯୌବନ ହେଉଛି ପାଠପଢ଼ା, ନିଜକୁ ଗଢ଼ିବା, ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାର ସମୟ। ତା'ପରେ ଆସେ ଚାକିରି, ବ୍ୟବସାୟ, ବିବାହ, ପରିବାର ଗଠନ ଓ ଦାୟିତ୍ୱ ନେବାର ପର୍ଯ୍ୟାୟ। ପୁଣି ଏକ ସମୟରେ ସନ୍ତାନମାନଙ୍କ ଭବିଷ୍ୟତ, ବୃଦ୍ଧ ପିତାମାତାଙ୍କ ଯତ୍ନ ଓ ପରିବାରର ଭରସା ହେବାର ଦାୟିତ୍ୱ ଆସିଥାଏ। ଏସବୁ ହେଉଛି ଜୀବନ ପଥର ବିଭିନ୍ନ ଦୃଶ୍ୟ।

କିନ୍ତୁ ଆଜିର ଜୀବନର ଏକ କଠୋର ସତ୍ୟ ହେଉଛି, ପ୍ରାୟ ପ୍ରତ୍ୟେକ ଦାୟିତ୍ୱ ପଛରେ ଅର୍ଥର ଆବଶ୍ୟକତା ରହିଛି। ଶିକ୍ଷା ପାଇଁ ଅର୍ଥ ଦରକାର, ଚାକିରି କିମ୍ବା ବ୍ୟବସାୟ ଗଢ଼ିବା ପାଇଁ ଅର୍ଥ ଦରକାର, ପରିବାର ଚଳାଇବା ପାଇଁ ଅର୍ଥ ଦରକାର, ସନ୍ତାନଙ୍କ ଶିକ୍ଷା ଓ ଭବିଷ୍ୟତ ପାଇଁ ଅର୍ଥ ଦରକାର। ତେଣୁ ଯୌବନରେ ପରିଶ୍ରମ, ସଞ୍ଚୟ ଓ ଭବିଷ୍ୟତ ପ୍ରତି ସଚେତନତାକୁ ଅବହେଳା କଲେ ପରବର୍ତ୍ତୀ ବୟସରେ ତାହାର ମୂଲ୍ୟ ଦେବାକୁ ପଡ଼େ।

ଜୀବନରେ ଆନନ୍ଦ ନିଶ୍ଚିତ ଦରକାର। ବୁଲାବୁଲି, ସାଙ୍ଗସାଥୀ, ମନୋରଞ୍ଜନ, ଏସବୁ ଜୀବନର ଅଂଶ। କିନ୍ତୁ ଆନନ୍ଦ ଓ ଅବହେଳା ମଧ୍ୟରେ ଏକ ସୂକ୍ଷ୍ମ ସୀମା ରହିଛି। ଯେଉଁ ବୟସରେ ଭବିଷ୍ୟତ ଗଢ଼ିବା କଥା, ସେହି ବୟସକୁ କେବଳ ଭୋଗବିଳାସରେ ହରାଇଦେଲେ ଆଗାମୀ ଦିନରେ ସେହି ହରାଇଥିବା ସମୟ ଫେରି ଆସେ ନାହିଁ।

ସମୟର ସବୁଠାରୁ ବଡ଼ ବିଶେଷତା ହେଉଛି, ଏହା କାହା ପାଇଁ ଅପେକ୍ଷା କରେ ନାହିଁ। ଆଜିର କାମ କାଲି କରିବି ବୋଲି ଭାବି ଭାବି ଅନେକ ଲୋକ ନିଜ ଜୀବନର ସୁବର୍ଣ୍ଣ ସମୟକୁ ହରାଇଦିଅନ୍ତି। ତା'ପରେ ଯେତେବେଳେ ଦାୟିତ୍ୱର ପାହାଡ଼ ମୁଣ୍ଡ ଉପରେ ଆସି ପଡ଼େ, ସେତେବେଳେ ମନେ ହୁଏ, ଆଉ ଟିକେ ଆଗରୁ ଯଦି ସଚେତନ ହୋଇଥାନ୍ତି ତେବେ ବହୁତ ଭଲ ହେଇଥାନ୍ତା।

ଜୀବନର ସବୁଠାରୁ ବଡ଼ ପଶ୍ଚାତାପ ହେଉଛି, "ସେତେବେଳେ କରିଥିଲେ ଭଲ ହୋଇଥାନ୍ତା।" କିନ୍ତୁ 'ସେତେବେଳେ' ଆଉ ଫେରି ଆସେ ନାହିଁ। ହାତରୁ ଖସିଯାଇଥିବା ସମୟ, ହରାଇଥିବା ସୁଯୋଗ ଓ ଅବହେଳାରେ ନଷ୍ଟ ହୋଇଥିବା ବର୍ଷଗୁଡ଼ିକୁ ଟଙ୍କା ଦେଇ କିଣିହେବ ନାହିଁ।

ଜୀବନରେ ଅର୍ଥ ନିଶ୍ଚିତ ଆବଶ୍ୟକ, କିନ୍ତୁ କେବଳ ଅର୍ଥ ହିଁ ଜୀବନ ନୁହେଁ। ଭଲ ପୁଅ ହେବା, ଭଲ ବିଦ୍ୟାର୍ଥୀ ହେବା, ଭଲ ଭାଇ ଓ ସାଙ୍ଗ ହେବା, ଭଲ ସ୍ୱାମୀ କିମ୍ବା ସ୍ତ୍ରୀ ହେବା, ଭଲ ବାପା-ମା' ହେବା, ଏସବୁ ମଧ୍ୟ ଜୀବନର ମହତ୍ତ୍ୱପୂର୍ଣ୍ଣ ପରୀକ୍ଷା। ଅର୍ଥ ଉପାର୍ଜନ କରିବାର ଦୌଡ଼ରେ ଯଦି ଆମେ ନିଜ ଲୋକଙ୍କୁ ସମୟ ଦେଇପାରିଲୁ ନାହିଁ, ତେବେ ଜୀବନର ଅନ୍ୟ ଏକ ଅଙ୍କ ଭୁଲ ହୋଇଯାଏ।

ତେଣୁ ଜୀବନର ପ୍ରତ୍ୟେକ ସ୍ତରକୁ ତା'ର ନିଜସ୍ୱ ମର୍ଯ୍ୟାଦା ଓ ଦାୟିତ୍ୱ ସହିତ ବଞ୍ଚିବା ଦରକାର। ଛାତ୍ର ଥିବାବେଳେ ମନ ଦେଇ ପଢ଼ିବା, ଯୁବାବସ୍ଥାରେ ନିଜ ପାଦରେ ଠିଆ ହେବା, ଉପାର୍ଜନ ସମୟରେ ସଞ୍ଚୟ କରିବା, ପରିବାର ଗଢ଼ିଲେ ତା'ର ଦାୟିତ୍ୱ ନେବା ଏବଂ ବୟସ ବଢ଼ିଲେ ସନ୍ତାନ ଓ ପରିବାରକୁ ମୂଲ୍ୟବୋଧ ଦେବା, ଏହା ହେଉଛି ଜୀବନର ସୁସଂଗଠିତ ଅଙ୍କ।

ଜୀବନ ଆମକୁ ପ୍ରତିଦିନ ଗୋଟିଏ ନୂଆ ପ୍ରଶ୍ନ ଦିଏ। ତା'ର ଉତ୍ତର ଆମକୁ ସେହି ଦିନ, ସେହି ବୟସ ଓ ସେହି ସୁଯୋଗ ଅନୁଯାୟୀ ଦେବାକୁ ପଡ଼େ। ଭୁଲ ଉତ୍ତରର ପଶ୍ଚାତାପ କରିବାଠାରୁ ସମୟ ଥିବାବେଳେ ସଠିକ୍ ଉତ୍ତର ଦେବା ହିଁ ବୁଦ୍ଧିମାନର କାମ।

ସମୟ କାହା ପାଇଁ ରୁହେ ନାହିଁ, ବୟସ କାହା ପାଇଁ ଫେରେ ନାହିଁ ଏବଂ ସୁଯୋଗ ସବୁବେଳେ ଦ୍ୱିତୀୟଥର ଦୁଆର ଠକ୍ ଠକ୍ କରେ ନାହିଁ। ତେଣୁ ଯେଉଁ ବୟସରେ ଯାହା କରିବା କଥା, ସେହି ସମୟରେ ତାହା କରିନେବା ଉଚିତ। ନଚେତ ଜୀବନର ଶେଷ ପୃଷ୍ଠାରେ ହିସାବ କରିବାବେଳେ ଜଣାପଡ଼ିବ, ଅଙ୍କ ଅନେକ ଥିଲା, ସମୟ ମଧ୍ୟ ଥିଲା, ସୁଯୋଗ ମଧ୍ୟ ଥିଲା; କେବଳ ଠିକ୍ ସମୟରେ ଠିକ୍ କାମଟି କରାଯାଇନଥିଲା। ଆଉ ସେହି ପଶ୍ଚାତାପ ହିଁ ଜୀବନକୁ ସବୁଠାରୁ ଅଧିକ ଦୁର୍ବିସହ କରିଦିଏ।




# ଆଗ୍ରୋ-ୱେଷ୍ଟ ଉପଯୋଗ ଓ ଜିଆ ଖତ ପ୍ରସ୍ତୁତି ନେଇ ତିନିଦିନିଆ କ୍ଷମତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସତ୍ୟବାଦୀ (ଭିଓଭି) :** ଆଗ୍ରୋ-ୱେଷ୍ଟ୍ ଉପଯୋଗ, ମୂଲ୍ୟବର୍ଦ୍ଧନ ଓ କୃଷି ଉପକରଣ ବ୍ୟବହାର ନେଇ ଏକ ତିନିଦିନିଆ କ୍ଷମତା ବିକାଶ କାର୍ଯ୍ୟକ୍ରମ ଅଗଷ୍ଟ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସତ୍ୟବାଦୀ ବ୍ଲକର ଅଳଗୁମ ପଞ୍ଚାୟତସ୍ଥିତ ଜଗେଶ୍ୱରୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏସ୍‌ସି-ଏସ୍‌ପି ଯୋଜନା ଅଧୀନରେ ଆୟୋଜିତ ହୋଇଥିଲା। ଅନ୍ତିମ ଦିନର କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକର ପଞ୍ଚାୟତ ଅଧକ୍ଷ ଶ୍ରୀ ସୁନୀଲ କୁମାର ପଣ୍ଡା, ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର ଓମେନ ଇନ ଅଗ୍ରିକଲଚରର ବରିଷ୍ଠ ବୈଜ୍ଞାନିକ ତନୁଜା ସମାରାଜନ ଓ ବୈଷୟିକ କର୍ମଚାରୀ ସଞ୍ଜୟ କୁମାର ବେହେରା ଯୋଗ ଦେଇଥିଲେ । ଏଥିସହ ସତ୍ୟବାଦୀ କୃଷକ ଉତ୍ପାଦକ ସଂଗଠନର ପରିଚାଳନା ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ମହାନ୍ତି ଏବଂ ସିଆଇଡବ୍ଲ୍ୟୁଏ ଶକ୍ତି କୃଷକ ଉତ୍ପାଦକ ସଂଗଠନର ସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ, ରଜନୀ ମହାରଣା, ଝରଣା ମଲ୍ଲିକ, ଗୀତାଞ୍ଜଳି ସେନାପତି ଓ ଶାନ୍ତିଲତା ପ୍ରଧାନଙ୍କ ସମେତ ମୋଟ ୨୦ ଜଣ ସଭ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଅଂଶ ଭାବେ ଜୈବିକ ଆବର୍ଜନାର ସୁବ୍ୟବହାର କରି ଜିଆ ଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଆଗ୍ରହ ପ୍ରକାଶ କରିଥିବା ୧୦ ଜଣ ସଭ୍ୟାଙ୍କୁ କଲିକତି ଦଳ ମାଧ୍ୟମରେ ଜିଆ ଖତ ପ୍ରସ୍ତୁତି ପାଇଁ ଆବଶ୍ୟକ ସମସ୍ତ ଉପକରଣ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ମହିଳା କୃଷକମାନେ କୃଷି ଅବଶିଷ୍ଟକୁ ଉପଯୋଗ କରି ଜୈବିକ ଖତ ପ୍ରସ୍ତୁତ କରିବା ସହ ଅତିରିକ୍ତ ଆୟର ସୁଯୋଗ ପାଇପାରିବେ ବୋଲି ଆଶା ପ୍ରକାଶ ପାଇଛି।

# ରିଲ୍ସ ହେଲା କାଳ
## ବ୍ଲୁ ଲେକ୍‌ରେ ୨ ଛାତ୍ର ନିଖୋଜ

**ବାଲେଶ୍ୱର (ଭିଓଭି) :**ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନ ମିତ୍ରପୁରର ବ୍ଲୁ ଲେକରେ ୨ ଛାତ୍ର ରିଲ୍ସ କରୁଥିବା ସମୟରେ ଗଭୀର ପାଣିରେ ବୁଡ଼ି ନିଖୋଜ ହୋଇଛନ୍ତି । ସୂଚନା ଅନୁଯାୟୀ କେନ୍ଦୁଝର, ବାରିପଦା ଏବଂ ଭଦ୍ରକ ଅଞ୍ଚଳର କିଛି ଛାତ୍ର ବାଲେଶ୍ୱରର ଫକୀରମୋହନ କଲେଜରେ ପାଠ ପଢୁଥିବା ବେଳେ ଗତ କାଲି କିଛି ସାଙ୍ଗସାଥୀ ମାନଙ୍କ ସହିତ ବୁଲିବାକୁ ଯାଇଥିଲେ । ୨ ଛାତ୍ର ରିଲ୍ସ କରୁଥିବା ସମୟରେ ଗଭୀର ପାଣିକୁ ଖସି ପଡ଼ିଥିଲେ । ବ୍ଲୁ ଲେକରେ ପାଣିର ଗଭୀରତା ପ୍ରାୟ ୨୦୦ ଫୁଟରୁ ଅଧିକ । ଉଭୟ ଫକୀରମୋହନ କଲେଜର +୨ ବାଣିଜ୍ୟର ଦ୍ୱିତୀୟ ବର୍ଷର ଛାତ୍ର । ନିଖୋଜ ଦୁଇ ଛାତ୍ର ହେଲେ ଭଦ୍ରକ ଅଞ୍ଚଳର ଅପୂର୍ବରଞ୍ଜନ ପାତ୍ରଙ୍କ ପୁଅ ଅଂଶୁମାନ (୧୭) ଏବଂ ଅନ୍ୟଜଣେ ବାରିପଦା ଅଞ୍ଚଳର ଅଜିତ କୁମାର ପାତ୍ରଙ୍କ ପୁଅ ଭବିଷ୍ୟ (୧୭) । ରେମୁଣା କଲେଜରେ ପଢୁଥିବା କେନ୍ଦୁଝର ଅଞ୍ଚଳର ରୋଶନ ନାୟକ ଉପରେ ରହି ଯାଇଥିବାରୁ ବର୍ତ୍ତି ଯାଇଛନ୍ତି। ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ ଟିମ୍ ଏ ପର୍ଯ୍ୟନ୍ତ ନିଖୋଜ ଛାତ୍ରଙ୍କ ସନ୍ଧାନ ପାଇନାହାନ୍ତି ।



## ସଂପାଦକୀୟ

# ଶଗଡ଼ ଆଉ ଲୋଦର

ନିକଟରେ ଅନ୍‌ଲାଇନ୍ ଅଟୋ ଓ ଟ୍ୟାକ୍ସି ଚାଳକମାନେ ନିଜ ନିଜର ବିଭିନ୍ନ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଆନ୍ଦୋଳନ ବେଳେ ବିଶୃଙ୍ଖଳା ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜା ଭଳି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ହେଲା। କିଏ ଆନ୍ଦୋଳନକାରୀଙ୍କ ସପକ୍ଷରେ କହିଲେ, ଆଉ କିଏ ବିପକ୍ଷରେ। କିନ୍ତୁ ଆଜିର ପ୍ରସଙ୍ଗ ଆନ୍ଦୋଳନର ସପକ୍ଷ କିମ୍ବା ବିପକ୍ଷ ନୁହେଁ। ଏଠାରେ ଗୋଟିଏ କଥା ନିଃସନ୍ଦେହରେ କୁହାଯାଇପାରେ, ଅନ୍‌ଲାଇନ୍ ପରିବହନ ବ୍ୟବସ୍ଥା ଆସିବା ପରେ କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅନେକ ଛୋଟବଡ଼ ସହରର ଲୋକଙ୍କ ଗମନାଗମନ ଅନେକ ସହଜ ହୋଇଛି। ମୋବାଇଲ୍‌ରେ ଗୋଟିଏ କ୍ଲିକ୍‌ରେ ଘର ଦୁଆରକୁ ଗାଡ଼ି ଆସି ପହଞ୍ଚୁଛି। ସେଥି ସହିତ ନିଜ ଗାଡ଼ିକୁ ଅନ୍‌ଲାଇନ୍ ସେବା ପ୍ରଦାନକାରୀ ସଂସ୍ଥାରେ ପଞ୍ଜୀକୃତ କରି ଅନେକ ବେକାର ଯୁବକ ନିଜ ପାଇଁ ରୋଜଗାରର ବାଟ ମଧ୍ୟ ଖୋଲିପାରିଛନ୍ତି। ଏହି ଆଧୁନିକ ଗମନାଗମନ ବ୍ୟବସ୍ଥା ବିଷୟରେ ଭାବୁ ଭାବୁ ମନଟା ଆପେ ଆପେ ଫେରିଯାଏ ଆମ ଅତୀତକୁ। ସେହି ସମୟକୁ, ଯେଉଁ ସମୟରେ ଯାତ୍ରା ମାନେ ଥିଲା ଏକ ପ୍ରକାର ପ୍ରସ୍ତୁତି, ଧୈର୍ଯ୍ୟ ଓ ଅପେକ୍ଷାର ଅନ୍ୟ ନାମ। ଅଶୀରୁ ନବେ ଦଶକର ପ୍ରାୟ ସମ୍ପୂର୍ଣ୍ଣ ସମୟ ଗାଁରେ କଟିଛି। ସେତେବେଳେ କେହି କୁଆଡ଼େ ଯିବାକୁ ହେଲେ ବହୁ ପୂର୍ବରୁ ଯୋଜନା କରିବାକୁ ପଡୁଥିଲା। ଭୋର ଅନ୍ଧାରରେ ବସ୍ ଧରିବାକୁ ହେଲେ ରାତିରୁ ପ୍ରସ୍ତୁତି। ଦୂର ବନ୍ଧୁବାନ୍ଧବଙ୍କ ଘରକୁ ସାଇକେଲରେ ଯିବାକୁ ହେଲେ ତା' ପୂର୍ବରୁ ସାଇକେଲରେ ଟିକେ ତେଲ ଦେଇ, ପୋଛାପୋଛି କରି, ଚକରେ ପମ୍ପ ଦେଇ, ଡାଇନାମୋ ବଲ୍‌ଟି ଠିକ୍ ଭାବେ ଜଳୁଛି କି ନାହିଁ, ସବୁ ଯାଞ୍ଚ କରିବାକୁ ପଡୁଥିଲା। ଭଡ଼ାରେ କାର୍ କିମ୍ବା ଅଟୋ ମିଳିଯିବା ତ ଏକପ୍ରକାର ସ୍ୱପ୍ନ ଥିଲା। ଏସବୁ ବ୍ୟତୀତ ଗମନାଗମନର ଆଉ ଏକ ନିଜସ୍ୱ ମାଧ୍ୟମ ଥିଲା, ଶଗଡ଼। ଚାଷ ଉପରେ ନିର୍ଭରଶୀଳ ସେହି ଦିନଗୁଡ଼ିକରେ ପ୍ରାୟ ପ୍ରତ୍ୟେକ ଚାଷୀ ଘରେ ଶଗଡ଼, ବଳଦ ଓ ଲୋଦର ଥିଲା। ଶଗଡ଼ ଓ ବଳଦ ବିଷୟରେ ଆଜି ବି ଅନେକେ ଜାଣନ୍ତି; କିନ୍ତୁ ଲୋଦର ନାମଟି ଆଜିର ପିଢ଼ି ପାଇଁ ପ୍ରାୟ ଅପରିଚିତ। କେତେକ ଅଞ୍ଚଳରେ ଏହାକୁ ଓଦର କିମ୍ବା ନୋଦର ମଧ୍ୟ କୁହାଯାଉଥିଲା। ବାଉଁଶ ପାତିଆରେ ତିଆରି ଲୋଦର ସେହି ସମୟର ଏକ ଅତ୍ୟାବଶ୍ୟକ ଘରୋଇ ଓ କୃଷି ଉପକରଣ ଥିଲା। ଶଗଡ଼ ସହିତ ତା'ର ସମ୍ପର୍କ ଥିଲା ଅବିଚ୍ଛେଦ୍ୟ। ଶଗଡ଼ ବିନା ଲୋଦରର ବ୍ୟବହାର ପ୍ରାୟ ଅସମ୍ଭବ ଥିଲା। କୃଷି କାର୍ଯ୍ୟରେ ଧାନ, ଚାଉଳ, ନଡ଼ା, ପାଳ ଓ ଅନ୍ୟାନ୍ୟ ସାମଗ୍ରୀ ନେବା ଆଣିବା କରିବା ପାଇଁ ଲୋଦର ବ୍ୟବହୃତ ହେଉଥିଲା। ଚାଷୀ ଧାନ ବୁଣିବା ପୂର୍ବରୁ ଶଗଡ଼ରେ ଲୋଦର ଲଗାଇ ସେଥିରେ ଗୋବର ଖତ ଭରି ଚାଷଜମିକୁ ନେଉଥିଲେ। ଲୋଦର ତିଆରି କରୁଥିବା କାରିଗରମାନେ ମଝିରେ ଏକ ସ୍ୱତନ୍ତ୍ର କଣା ରଖୁଥିଲେ। ସେହି କଣାରେ ନଡ଼ା ବିଡ଼ାର ଚୁଷ୍ଠା ଦେଇ ଖତ ଲଦାଯାଉଥିଲା। ଜମିରେ ପହଞ୍ଚିବା ପରେ ନଡ଼ା ବିଡ଼ାଟିକୁ ଖୋଲିଦେଲେ ଅଳ୍ପ ଅଳ୍ପ ବ୍ୟବଧାନରେ ଖତ ପକାଇବା ସହଜ ହେଉଥିଲା। କିନ୍ତୁ ମୋ ପାଇଁ ଲୋଦରର ଅର୍ଥ କେବଳ କୃଷି ଉପକରଣ ନୁହେଁ; ଏହା ମୋ ପିଲାଦିନର ଏକ ଅମୂଲ୍ୟ ସ୍ମୃତି। ଆମ ପିଉସୀ ନାନୀଙ୍କ ଘର କାଣ୍ଡପଡ଼ା ଓ ଛତ୍ରପଡ଼ା ଯିବା ପୂର୍ବଦିନ ଘରେ କାମରେ ସହଯୋଗ କରୁଥିବା ଖଲିଆ ମଉସା ଲୋଦରଟିକୁ ଭଲ ଭାବରେ ସଫା କରି ଗୋବରରେ ଲିପି ଦେଉଥିଲେ। କୃଷି କାମରେ ବ୍ୟବହୃତ ହୋଇଥିବା ଲୋଦରକୁ ସଫା କରି ଭଲ ଭାବରେ ଲିପିଦେବାର ଉଦ୍ଦେଶ୍ୟ ଥିଲା, ବାଉଁଶ ପାତିଆର ଆଞ୍ଚଗୁଡ଼ିକ ଯେପରି ଦେହରେ କିମ୍ବା ପୋଷାକରେ ଗଳି ନଯିବ। ଖରାର ଦାଉରୁ ରକ୍ଷା ପାଇଁ ଲୋଦର ଉପରେ ବେତ କିମ୍ବା ବାଉଁଶର ନମନୀୟ ବାଡ଼ିକୁ ଅର୍ଦ୍ଧଗୋଲାକାର କରି ଖଞ୍ଜାଯାଉଥିଲା। ତା' ଉପରେ ପତଳା ଲୁଗା କିମ୍ବା ଚାଦର ପକାଇ ଦିଆଯାଉଥିଲା। ସେହି ଲୋଦରରେ ବସି ବୋଉଙ୍କ ସହ ଆମେ ତିନି ଭାଇଭଉଣୀ କେତେଥର ଯେ ପିଉସୀ ନାନୀଙ୍କ ଘରକୁ ଯାଇଛୁ, ତା'ର ହିସାବ ନାହିଁ। ଆଜିର ଏସି ଗାଡ଼ିର ସୁବିଧାରେ ବସିଲେ ବି ସେହି ଯାତ୍ରାର ଆନନ୍ଦ ମିଳେ ନାହିଁ। ମଝିରେ ମଝିରେ ଖଲିଆ ମଉସାଙ୍କୁ ଶଗଡ଼ ଚାଳକଙ୍କ ଆସନରୁ ଓହ୍ଲାଇଦେଇ ଆମେ ତିନି ଭାଇଭଉଣୀ ପାଳିକରି ଶଗଡ଼ ଚାଳକ ବସୁଥିବା ଫଳିରେ ବସୁଥିଲୁ। ହାତରେ ପାଞ୍ଚଣ ଧରି ବଳଦଙ୍କୁ 'ହେ ହେ' କରି ଡାକିବାର ସେହି ନିଷ୍ପାପ ଆନନ୍ଦ, ଆଜି ବି ସ୍ମୃତିର ଗୋଟିଏ କୋଣରେ ସତେଜ ହୋଇ ରହିଛି। ଲୋଦର ଖାଲି ଚାଷୀଙ୍କ କାମରେ ଲାଗୁନଥିଲା, ଏହା ଅନେକ ପରିବାରର ସୁଖଦୁଃଖର ଯାତ୍ରାର ସାଥୀ ମଧ୍ୟ ଥିଲା। ବିବାହ ପରେ ବରକନ୍ୟା ଲୋଦରରେ ବସି ଘରକୁ ଫେରୁଥିଲେ। ନୂଆ ବୋହୂମାନେ ବାପଘରକୁ ଯାଉଥିଲେ ଏହି ଶଗଡ଼ରେ। ଅର୍ଥାତ୍ ଲୋଦର ଖାଲି ଏକ ବାଉଁଶ ତିଆରି ଉପକରଣ ନୁହେଁ; ଏହା ଥିଲା ଗାଁ ଓ ଗାଁ ମଧ୍ୟରେ ଯୋଗାଯୋଗର ଏକ ଜୀବନ୍ତ ସେତୁ। ସମୟ ବଦଳିଲା। ଶଗଡ଼ ହଜିଗଲା, ବଳଦଙ୍କ ସ୍ଥାନ ନେଲା ଯନ୍ତ୍ର। ଲୋଦର ମଧ୍ୟ ଆଜି ଆମ ଜୀବନରୁ ଅଦୃଶ୍ୟ। ଦିନେ ଯାହା ଥିଲା ଅତ୍ୟାବଶ୍ୟକ, ଆଜି ତାହା କେବଳ ସ୍ମୃତି। କିନ୍ତୁ ସେହି ଲୋଦର ଆମକୁ ଗୋଟିଏ କଥା ଶିଖାଇଯାଇଛି, ସମୟ ସବୁକିଛି ବଦଳାଇ ଦିଏ। ଆଜି ଅନ୍‌ଲାଇନ୍ ଅଟୋ ଓ ଟ୍ୟାକ୍ସି ଆମ ଗମନାଗମନକୁ ସହଜ କରିଛି। ଅନେକ ପରିବାରର ଜୀବିକା ଏହା ଉପରେ ମଧ୍ୟ ନିର୍ଭରଶୀଳ। ତେଣୁ ସେମାନଙ୍କ ଦାବି ଓ ସମସ୍ୟା ପ୍ରତି ସରକାର ଓ ସମ୍ପୃକ୍ତ ସଂସ୍ଥାର ସମ୍ବେଦନଶୀଳ ଦୃଷ୍ଟି ନିଶ୍ଚିତ ଭାବେ ଆବଶ୍ୟକ। ସେହିପରି ଏହି ସେବା ପ୍ରଦାନକାରୀ ସଂସ୍ଥାମାନଙ୍କର ମଧ୍ୟ ନିଜ ଦାୟିତ୍ୱ, ଶୃଙ୍ଖଳା ଓ ଯାତ୍ରୀଙ୍କ ସ୍ୱାର୍ଥ ପ୍ରତି ସମାନ ସଚେତନତା ରହିବା ଦରକାର। କାରଣ ଗ୍ରାହକ ଓ ସେବାଦାତାଙ୍କ ସମ୍ପର୍କ ହେଉଛି ପରସ୍ପର ନିର୍ଭରଶୀଳତାର ସମ୍ପର୍କ। ଜଣେ ବିନା ଅନ୍ୟଜଣଙ୍କ ଅସ୍ତିତ୍ୱ ଦୀର୍ଘସ୍ଥାୟୀ ହୋଇପାରେ ନାହିଁ। ତେଣୁ ଅନୁରୋଧ, ସମୟର ସ୍ରୋତକୁ ବୁଝନ୍ତୁ, ଧୈର୍ଯ୍ୟ ଧରନ୍ତୁ, ଯାତ୍ରୀଙ୍କ ସ୍ୱାର୍ଥକୁ ସମ୍ମାନ ଦିଅନ୍ତୁ। ନଚେତ୍ ଦିନେ ଯେଉଁ ଲୋଦର ଗମନାଗମନର ଏକ ଅପରିହାର୍ଯ୍ୟ ମାଧ୍ୟମ ଥିଲା, ସମୟର ପରିବର୍ତ୍ତନରେ ଆଜି ତାହା ଯେପରି ସ୍ମୃତି ହୋଇଯାଇଛି, ଆଧୁନିକ ଯୁଗର ଏହି ଅନ୍‌ଲାଇନ୍ ପରିବହନ ବ୍ୟବସ୍ଥା କାହିଁକି ଦିନେ ସେହି ସ୍ମୃତିର ଅଂଶ ହୋଇ ନଯିବ ସମୟ କାହାର ନୁହେଁ। ଯିଏ ସମୟ ସହ ଚାଲେ, ସମୟ ତା'ର; ଯିଏ ସମୟକୁ ଅବହେଳା କରେ, ସେ ଦିନେ ସମୟର ସ୍ମୃତି ହୋଇଯାଏ।



ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

## ବ୍ୟାସାୟ ବିଷ୍ଣୁ ରୂପାୟଃ

-: ଅର୍ଜ୍ଜୁନୀ ଚରଣ ବେହେରା :-

ଅନେକଦିନ ତଳର କଥା । ଯମୁନାନଦୀ ତଟରେ ଧୀବରଟିଏ ବାସ କରୁଥିଲା । ସେ ଧୀବରର ଏକ ଅପୂର୍ବ ସୁନ୍ଦରୀ କନ୍ୟାଟିଏ ଥିଲା । ତାହା ଦେହରୁ ମାଛର ଗନ୍ଧ ବାହାରୁ ଥିବାରୁ ନାମ ତା'ର ଧୀବର ରଖିଥିଲା ମତ୍ସ୍ୟଗନ୍ଧା । କନ୍ୟା ମତ୍ସ୍ୟଗନ୍ଧା ନୌକା ଚାଳନାରେ ଥିଲା ଅତ୍ୟନ୍ତ ଧୁରନ୍ଧର । ଯମୁନାରେ ନୌକା ଚଳାଇ, ଲୋକ ମାନଙ୍କୁ ସେ ନଦୀ ପାର କରାଉ ଥିଲା ।

ଦିନେ ପାରି ହେବା ପାଇଁ, ଆସି ପହଞ୍ଚିଲେ ଜଣେ ସିଦ୍ଧ ତପସ୍ୱୀ । ତାଙ୍କର ଖୁବ ତେଜୋମୟ ଶରୀର ଥିଲା । ସେ ଥିଲେ ମହାମୁନି ପରାଶର । ଯମୁନାକୁ ସେ ନୌକାରେ ପାର ହେଉଥିବା ବେଳେ ନୌକା ଚାଳନା କରୁଥିବା ରୂପସୀ ମତ୍ସ୍ୟଗନ୍ଧାର ରୂପରେ ମୋହିତ ହୋଇ ପଡ଼ିଲେ । ସେ ଅତ୍ୟନ୍ତ ଶ୍ରଦ୍ଧାରେ ମତ୍ସ୍ୟଗନ୍ଧାର ପରିଚୟ ପଚାରିଲେ । ମତ୍ସ୍ୟଗନ୍ଧା କହିଲା, 'ହେ ମୁନିବର,ଏ ନୌକା ମୋର ପିତା ଦାସ ରାଜାଙ୍କର । ମୁଁ ତାଙ୍କର ଏକମାତ୍ର ସନ୍ତାନ । ପିତାଙ୍କ ଆଦେଶରେ ଜୀବିକା ନିର୍ବାହ ପାଇଁ ମୁଁ ଏ ନୌକା ଚଳାଉଛି । ପିତାଙ୍କ ଆଦେଶରେ ମୁଁ ବିନା ଶୁଳ୍କରେ ଯାତ୍ରୀଙ୍କୁ ନଦୀ ପାର କରାଉଛି । କାରଣ ପିତା ମୋତେ କହିଛନ୍ତି ମୋ'ର ଏହା ଦ୍ୱାରା ବହୁ ପୁଣ୍ୟ ହେବ ।

ବିମୋହିତ ମୁନି ପରାଶର ସରଳ ଧୀବର କନ୍ୟା ଠାରୁ ଏଭଳି ମଧୁର କଥାମାନ ଶୁଣି ଆହୁରି ମୁଗ୍ଧ ହେବା ସଙ୍ଗେ ସଙ୍ଗେ ତାଙ୍କୁ କହିଲେ, 'ହେ ମଧୁର ଭାଷିଣୀ ସୁନ୍ଦରୀ, ତୁମେ ନିଶ୍ଚୟ ଦିନେ ରାଜରାଣୀ ହେବ । କିନ୍ତୁ, ତୁମକୁ ମୋ ଠାରୁ ଏକ ବର ପ୍ରାପ୍ତି ହେବା ଆବଶ୍ୟକ । ମୁଁ ତୁମ ଶରୀରରୁ ମତ୍ସ୍ୟଗନ୍ଧ ଦୂର କରିଦେଇ ମହକ ଭରିଦେବି ଯାହା ଯୋଜନ ଦୂରପର୍ଯ୍ୟନ୍ତ ବାସିବ । ମୁଁ ଆଜି ଅତ୍ୟନ୍ତ କାମାସକ୍ତ ଓ କାମନାଯୁକ୍ତ ହୋଇ ପଡ଼ିଛି । ତୁମର ଗର୍ଭରେ ମୋର ଏକ ସନ୍ତାନ ଦରକାର ।

ମତ୍ସ୍ୟଗନ୍ଧା ଦ୍ୱନ୍ଦ୍ୱରେ ପଡ଼ି ଗଲେ । ପିତା ଜାଣିଲେ ରାଗିବେ, ଏପଟେ ଋଷିଙ୍କ ଅଭିଶାପ ଭୟ । କିନ୍ତୁ ସେ ଚିନ୍ତାକରି ଦେଖିଲେ ତେଜସ୍ୱି ଋଷିଙ୍କର ବର ଦାନ ତାଙ୍କ ପାଇଁ ବାଞ୍ଛନୀୟ । ତେଣୁ ସେ ଋଷିଙ୍କ କଥାରେ ରାଜି ହୋଇ ଗଲେ । ମହର୍ଷି ପରାଶର ନିଜର ତପ ବଳରେ ଚାରିଆଡ଼େ କୁଜ୍‌ଝଟିକା ସୃଷ୍ଟି କରିଦେଲେ ଯେପରିକି ସେମାନଙ୍କୁ କେହି ଦେଖି ପାରିବେ ନାହିଁ । ପରାଶର ପରିତୃପ୍ତ ହେବାପରେ ମତ୍ସ୍ୟଗନ୍ଧାଙ୍କୁ କହିଲେ, 'ଯମୁନାର ଏହି ଦ୍ୱୀପରେ ତୁମେ ମୋର ସନ୍ତାନକୁ ଜନ୍ମ ଦେବ । ଦିନେ ଏହି ପୁତ୍ର ସାରା ସଂସାରରେ ପ୍ରସିଦ୍ଧ ହେବ । ଏତକ କହିଲା ପରେ ମତ୍ସ୍ୟଗନ୍ଧାଙ୍କ ଶରୀରରୁ ମତ୍ସ୍ୟଗନ୍ଧ ଚାଲିଗଲା । ତାଙ୍କ ଶରୀର ସୁଗନ୍ଧରେ ଚତୁର୍ଦ୍ଦିଗ ମହକି ଉଠିଲା । ସେ ପରିଚିତ ହେଲେ ଯୋଜନଗନ୍ଧା ଭାବରେ । ଯମୁନାର ସେହି ଦ୍ୱୀପରେ ସେ ପରାଶରଙ୍କ ପୁତ୍ରକୁ ଜନ୍ମ ଦେଲେ । ସେହି ପୁତ୍ରଟି ଦ୍ୱୀପରେ ଜନ୍ମ ହୋଇଥିବାରୁ ଏବଂ ତାଙ୍କ ଶରୀର ବର୍ଣ୍ଣ ଶ୍ୟାମଳ ହୋଇଥିବାରୁ ତାଙ୍କର ନାମ ହେଲା କୃଷ୍ଣଦ୍ୱୈପାୟନ । ସମସ୍ତ ବେଦ, ବିଦ୍ୟା ଓ ସିଦ୍ଧାନ୍ତର ଅଧିକାରୀ ହୋଇ, ସତ୍ୟବାଦୀ, ଜିତେନ୍ଦ୍ରିୟ ଏବଂ ଜଣେ ବିଦ୍ୱାନ ତପସ୍ୱୀ ଭାବେ ସମଗ୍ର ସଂସାରରେ ସେ ବିଦିତ ହେଲେ । କାଳକ୍ରମେ ସେ ଭାରତୀୟ ସମାଜକୁ ଅଷ୍ଟାଦଶ ପୁରାଣ ଓ ମହାଭାରତ ଭଳି ଅମୁଲ୍ୟ ଗ୍ରନ୍ଥମାନ ରଚନା କରି ଦେଇ ଯାଇଛନ୍ତି । ଆଦି ଗ୍ରନ୍ଥ ବେଦକୁ ସେ ଚାରିଭାଗ ଋକ, ଶ୍ୟାମ, ଯଜୁ, ଅଥର୍ବ ଆଦିରେ ବିଭକ୍ତ କରି ବେଦବ୍ୟାସ ନାମରେ ପରିଚିତ ହୋଇଛନ୍ତି । ମହର୍ଷି ବ୍ୟାସଙ୍କୁ ବିଶାଳବୁଦ୍ଧି, ପଦ୍ମ ପତ୍ର ପରି ଆୟତ ନେତ୍ର ଯୁକ୍ତ ବୋଲି ବର୍ଣ୍ଣନା କରାଯାଇଛି । ଭାରତ ତୈଳ ପୂର୍ଣ୍ଣ ଜ୍ଞାନମୟ ପ୍ରଦୀପକୁ, ସାରା ସଂସାରର କଲ୍ୟାଣ ନିମନ୍ତେ ସେ ଚିରକାଳପାଇଁ ପ୍ରଜ୍ୱଳନ କରି ଦେଇ ଯାଇଛନ୍ତି । ସେ ବଦ୍ରିକା ଆଶ୍ରମରେ ତପସ୍ୟାରେ ସିଦ୍ଧିଲାଭ କରିଥିବାରୁ ତାଙ୍କୁ ବାଦରାୟଣ ବୋଲି ଅଭିହିତ କରାଯାଏ । ଯୋଜନଗନ୍ଧା ପରାଶରଙ୍କ ବର ଅନୁଯାୟୀ, ସତ୍ୟବତୀ ନାମରେ ମହାରାଜ ଶାନ୍ତନୁଙ୍କୁ ବିବାହ କରି, କୁରୁ କୁଳର ରାଜମାତା ହୋଇଥିଲେ ।

ମୋ -୭୬୯୩୦୯୧୯୭୧



ଅବହେଳିତ ପୋଖରୀ ପାଟରା ବନ୍ଧ, ନୂଆଗାଁର ପୁନରୁଦ୍ଧାର ଆବଶ୍ୟକ।



ଘାସରା ବନ୍ଧ, ନୂଆଗାଁ । ପାହାଚ ସହିତ ଆଉ ଏକ ନୂତନ ତୁଠର ଆବଶ୍ୟକ ।



ଆଡବନ୍ଧ, ନୂଆଗାଁ । ଅଧାରେ ଅଟକିଛି କାମ।



ବାବାଜୀ ଗାଡ଼ିଆ, ନୂଆଗାଁ ପୁନରୁଦ୍ଧାର ଆବଶ୍ୟକ ।



ଲୋକି ପୋଖରୀ, ସାନଗଡ଼
ଉନ୍ନତିକରଣ ଅପେକ୍ଷାରେ।



ନେଳିଆ ପୁଷ୍କରିଣୀ, ସୁଆଁସିଆ ସାହି, ରଣପୁର । ପୂର୍ବପାର୍ଶ୍ୱ (ମାଟିଆପଦା ହୁଡ଼ା) ହୁଡ଼ାର ପୁନରୁଦ୍ଧାର ଆବଶ୍ୟକ।



ସାମୁକା ପୁଷ୍କରିଣୀ, ରଣପୁର ସାମୁକା ସାହି । ମନ୍ଦିର ପରିସରରେ ଥିବା ପୋଖରୀଟିରେ ଆଲୋକୀକରଣ ସହିତ ସୌନ୍ଦର୍ଯ୍ୟକରଣ ଆବଶ୍ୟକ।



ବାଲୁଙ୍କେଶ୍ୱର ପୁଷ୍କରିଣୀ, ମଙ୍ଗରାଜପୁର । ରାସ୍ତା ପାର୍ଶ୍ୱରେ ଥିବା ପୁଷ୍କରିଣୀଟି ଖରାଦିନେ ଶୁଖିଯାଏ। ଖୋଳିବା ସହିତ ଉନ୍ନତିକରଣ ଆବଶ୍ୟକ।

## ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ପୋଖରୀ

# କାମରେ ଲାଗୁନି ପୋଖରୀ : ମଶା, ମାଛି, ସରୀସୃପ ଓ ଜୋକଙ୍କ ଏନ୍ତୁଡ଼ିଶାଳ

**ରଣପୁର (ଭିଓଭି):** ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଧୀନରେ ସରକାରୀ ହିସାବରେ ବ୍ୟବହୃତ, ଅଳ୍ପ ବ୍ୟବହୃତ, ଅବ୍ୟବହୃତ ଓ ବିଲୋପପ୍ରାୟ ଅବସ୍ଥାରେ ଥିବା ପ୍ରାୟ ୧୮ଟି ପୁଷ୍କରିଣୀ ରହିଛି। ଦିନେ ଯେଉଁ ପୁଷ୍କରିଣୀଗୁଡ଼ିକ ସ୍ଥାନୀୟ ଲୋକଙ୍କ ନିତାନ୍ତ ଆବଶ୍ୟକତା ପୂରଣ କରୁଥିଲା, ଆଜି ସେଗୁଡ଼ିକ ଧୀରେଧୀରେ ନିଜର ଅସ୍ତିତ୍ୱ ଓ ଉପଯୋଗିତା ହରାଇବାକୁ ବସିଛି। ପୁଷ୍କରିଣୀ କେବଳ ସ୍ନାନ, ଶୌଚ କିମ୍ବା ଦୈନନ୍ଦିନ ବ୍ୟବହାରର ଜଳ ଉତ୍ସ ନୁହେଁ। ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଏହି ପ୍ରାକୃତିକ ଜଳ ଉତ୍ସଗୁଡ଼ିକ ମାନବ ସମାଜ, ପରିବେଶ ଓ ସ୍ଥାନୀୟ ଜଳସନ୍ତୁଳନ ପାଇଁ ଅତ୍ୟନ୍ତ ଆବଶ୍ୟକ। ତେଣୁ ଏହି ଜଳ ଉତ୍ସଗୁଡ଼ିକର ସୁରକ୍ଷା, ସଂରକ୍ଷଣ ଓ ପୁନରୁଦ୍ଧାର ଦାୟିତ୍ୱ ସରକାରଙ୍କ ସହିତ ଜନସାଧାରଣଙ୍କର ମଧ୍ୟ ରହିଛି।

ଆମର ଗ୍ରାଉଣ୍ଡ ଜିରୋ ସର୍ଭେ ଅନୁଯାୟୀ, ୧୮ଟି ପୁଷ୍କରିଣୀ ମଧ୍ୟରୁ ୪/୫ଟିକୁ ବାଦ ଦେଲେ ଅନ୍ୟାନ୍ୟ ପୋଖରୀଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଦୟନୀୟ। କେଉଁଠି ପୋଖରୀ ଦଳରେ ଭରିଯାଇଛି, ତ କେଉଁଠି ଘାସ ଓ ଅନାବନା ଲତାଗୁଳ୍ମ ଏତେ ମାଡ଼ିଯାଇଛି ଯେ ପାଣି ମଧ୍ୟ ଦେଖାଯାଉନାହିଁ। ଫଳରେ ଅନେକ ପୋଖରୀ ଏବେ ମଶା, ମାଛି, ସରୀସୃପ ଓ ଜୋକଙ୍କ ଏକପ୍ରକାର ଏନ୍ତୁଡ଼ିଶାଳରେ ପରିଣତ ହୋଇଛି। ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ 'ଆମ ପୋଖରୀ' ଯୋଜନା ସମେତ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ଦଶାହ କର୍ମଗୃହ, ପୋଷାକ ପରିବର୍ତ୍ତନ ଗୃହ, ପୋଖରୀ ପାହାଚ, ଚାରିପାଖରେ ପାଦଚଲା ରାସ୍ତା, ପ୍ରାଚୀର ଆଦି ନିର୍ମାଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହି ସବୁ ନିର୍ମାଣ ଉପରେ ଏବେ ଘାସ ଓ ଅନାବନା ଗଛଲତା ମାଡ଼ିଯାଇଛି। ଅନେକ ସ୍ଥାନରେ ନିର୍ମିତ ସୁବିଧାଗୁଡ଼ିକ ମଧ୍ୟ ବ୍ୟବହାରଯୋଗ୍ୟ ଅବସ୍ଥାରେ ନାହିଁ।

ପୂର୍ବ ସରକାରଙ୍କ ସମୟରେ ପୋଖରୀ ପୁନରୁଦ୍ଧାର ପାଇଁ ଅନେକ ଯୋଜନା ହାତକୁ ନିଆଯାଇଥିବା ବେଳେ ବର୍ତ୍ତମାନର ସରକାର ମଧ୍ୟ ପ୍ରାକୃତିକ ଜଳ ଉତ୍ସଗୁଡ଼ିକୁ ପୂର୍ବାବସ୍ଥାରେ ରଖିବା ଓ ସଂରକ୍ଷଣ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛନ୍ତି। ତେବେ ରଣପୁର ଏନ୍ଏସି ଅଞ୍ଚଳରେ ଏହାର ପ୍ରଭାବ କେତେଦୂର ପଡ଼ିଛି, ତାହା ଏହି ପୋଖରୀଗୁଡ଼ିକର ବର୍ତ୍ତମାନର ଚିତ୍ର ଦେଖିଲେ ସ୍ପଷ୍ଟ ହୋଇଯାଏ। ଅନ୍ୟପକ୍ଷରେ, କେତେକ ସ୍ଥାନରେ ଲୋକଙ୍କ ସଚେତନତାର ଅଭାବ ମଧ୍ୟ ପୋଖରୀଗୁଡ଼ିକର ଦୁରବସ୍ଥା ପାଇଁ ଦାୟୀ। ପୋଖରୀରେ ଘରୋଇ ଆବର୍ଜନା ପକାଯିବା ଯୋଗୁଁ ଜଳ ପ୍ରଦୂଷିତ ହେଉଛି। କେତେକ ପୋଖରୀରେ ମାଛଚାଷ ପାଇଁ ପିଡ଼ିଆ, ମାଛକାତି, କୁକୁଡ଼ା ମଳ ଓ ଅନ୍ୟାନ୍ୟ ଜୈବ ଆବର୍ଜନା ପକାଯାଉଥିବାରୁ ପାଣିର ଗୁଣବତ୍ତା ନଷ୍ଟ ହେଉଛି। କେଉଁଠି ପାଣି ପଚି ଦୁର୍ଗନ୍ଧ ବାହାରୁଛି, ତ ଆଉ କେଉଁଠି ପୋଖରୀକୁ ଯିବା-ଆସିବା ରାସ୍ତାକୁ ବନ୍ଦ କରି ବ୍ୟକ୍ତିବିଶେଷ ନିଜ ଅକ୍ତିଆରକୁ ନେଇଯାଉଥିବା ଅଭିଯୋଗ ମଧ୍ୟ ରହିଛି।

ଏପରି ସ୍ଥିତିରେ ରଣପୁର ଏନ୍ଏସି ଅଧୀନରେ ଥିବା ସମସ୍ତ ପୋଖରୀର ବର୍ତ୍ତମାନ ସ୍ଥିତିର ଫଟୋ ସହିତ ଏକ ସମ୍ପୂର୍ଣ୍ଣ ଚିତ୍ର ସରକାର, ପ୍ରଶାସନ ଓ ସ୍ଥାନୀୟ ନେତୃମଣ୍ଡଳୀଙ୍କ ଦୃଷ୍ଟିଗୋଚରକୁ ଆଣିବାର ଉଦ୍ଦେଶ୍ୟରେ ଏହି ତଥ୍ୟ ଉପସ୍ଥାପନ କରାଯାଉଛି। ଅଞ୍ଚଳବାସୀଙ୍କ ଆଶା, ରଣପୁରର ଏହି ପାରମ୍ପରିକ ଓ ପ୍ରାକୃତିକ ଜଳ ଉତ୍ସଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ। ପୋଖରୀଗୁଡ଼ିକର ପୁନରୁଦ୍ଧାର ସହିତ ନିୟମିତ ସଫେଇ, ଦଳ ଓ ଅନାବନା ଗଛଲତା ନିଷ୍କାସନ, ଜଳ ପ୍ରଦୂଷଣ ରୋକିବା ଏବଂ ପୋଖରୀକୁ ଯିବା ରାସ୍ତାର ସୁରକ୍ଷା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। କାରଣ ପୋଖରୀ ବଞ୍ଚିଲେ ଜଳ ଉତ୍ସ ବଞ୍ଚିବ; ଜଳ ଉତ୍ସ ବଞ୍ଚିଲେ ଆମ ପରିବେଶ ଓ ଆଗାମୀ ପିଢ଼ି ସୁରକ୍ଷିତ ରହିବେ ।



ଜେନାଗାଡ଼ିଆ, ମଙ୍ଗରାଜପୁର । ପେଭର ବ୍ଲକ୍ କାମ ସରୁନି, ପୋଷାକ ବଦଳାଇବା ପାଇଁ ଗୃହଟିଏ ନାହିଁ।



ମାଗୁର ଗାଡ଼ିଆ, ପାମ୍ପଡ଼ା । ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ପୋଖରୀଟି ଉପରେ ସରକାରଙ୍କ ଦୃଷ୍ଟି ଯେମିତି ପଡିନି।



ବେଲେଶ୍ୱର ପୋଖରୀ, ପାମ୍ପଡ଼ା । ସରକାରୀ ଅନୁଦାନ ଅପେକ୍ଷାରେ।



ଖଇରୀ ଗାଡ଼ିଆ, ରଘୁନାଥପୁର । ପୋଖରୀର ଉନ୍ନତି କରଣ ଆବଶ୍ୟକ ।




ବଡ଼ଫାଶୀ ପୋଖରୀ, ହାଟସାହି, ରଣପୁର । ପ୍ରବେଶ ପଥର ଉନ୍ନତିକରଣ ସହ ପାହାଚ ଓ ପୋଷାକ ବଦଳାଇବା ଗୃହ ଆବଶ୍ୟକ।



ସାଗର ପୁଷ୍କରିଣୀ, ରଣପୁର । କାମର ମାନକୁ ନେଇ ଜନ ଅସନ୍ତୋଷ ।



ସାନଗଡ ହାଡ ଗାଡ଼ିଆ ପୋଖରୀକୁ ଯିବାକୁ ରାସ୍ତା ନାହିଁ।



ସାନଫାଶୀ ପୋଖରୀ ହାଟସାହି । ପେଭର୍ ବ୍ଲକ କାମ ଅଧାରେ ପଡ଼ିଛି।



ମଦ୍ୟପଙ୍କ ଦୌରାତ୍ମ୍ୟ ପାଇଁ କାନ୍ଦୁଛି ଐତିହାସିକ 'ବଧି ପୋଖରୀ'



ବିଲୁପ୍ତ ପ୍ରାୟ 'ଲୋଚନ ସାଗର'। ମାଡ଼ି ବସିଲେଣି ଲୋକେ।

# ରାଜ-ରଣପୁର : କିଛି ଅନାବୃତ କଥା (୧୦)



ଚିତ୍ତରଂଜନ ଲାଲ୍ (ମୁନା)

କୌଣସି ଏକ ସ୍ଥାନ ଅଞ୍ଚଳ, ସବଡିଭିଜନ, ଜିଲ୍ଲା, ରାଜ୍ୟ ଓ ଦେଶର ଯେତେବେଳେ ବର୍ଣ୍ଣନା କରାଯାଏ ସେହି ସ୍ଥାନର ଭୌଗୋଳିକ ସ୍ଥିତି, ଶାସନ ବ୍ୟବସ୍ଥା, ଶିକ୍ଷା ବ୍ୟବସ୍ଥା, ଅର୍ଥନୀତି, ଧର୍ମ, ବେଶଭୂଷା ଏବଂ କଳା ସଂସ୍କୃତି ବିଷୟରେ ଆଲୋକପାତ କରାଯାଇଥାଏ।

ସେହିଭଳି ଭାବେ ଏହି ଅଧ୍ୟାୟରେ ରଣପୁର ଅଞ୍ଚଳର କଳା ସଂସ୍କୃତି ଏବଂ ବେଶଭୂଷା ବିଷୟରେ ଜତକିଞ୍ଚିତ ବର୍ଣ୍ଣନା କରିବାର ପ୍ରୟାସ କରିଛି।

ଏଠାରେ ଶ୍ରୀକ୍ଷେତ୍ର ପରମ୍ପରା ଅନୁଯାୟୀ ୧୨ ମାସରେ ୧୩ଯାତ ବ୍ୟତୀତ ରାସ (ଶ୍ରୀକୃଷ୍ଣଙ୍କ ରାସଲୀଳା ଉପରେ ପର୍ଯ୍ୟବେସିତ) ଯାତ୍ରା ହେଉଥିଲା ଯାହାକି ରାଜତନ୍ତ୍ର ସମୟରେ ପ୍ରମୁଖ ମନୋରଞ୍ଜନ କାର୍ଯ୍ୟକ୍ରମ ଥିଲା। ଏହା ରାଜବାଟି ମୁଖ୍ୟ ଫାଟକ ବାହାର ଏବଂ ଦୋଳବେଦୀ ପର୍ଯ୍ୟନ୍ତ ସ୍ଥାନରେ ଅନୁଷ୍ଠିତ ହେଉଥିଲା। ନରେନ୍ଦ୍ର ଥିଏଟର୍ ମଧ୍ଯ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ଥିଲା।

୭୦, ୮୦ ଏବଂ ୯୦ ଦଶକରେ ରଣପୁରରେ କଣ୍ଢେଇ ନାଚ 'ମ୍ୟାଜିକ ସୋ' (ଯାଦୁବିଦ୍ୟା) ଓ ଅପେରା ପାର୍ଟି ଇତ୍ୟାଦି ରଣପୁର ବାହାରୁ ଆସି ଜନସାଧାରଣଙ୍କର ଖୁବ୍ ମନୋରଞ୍ଜନ କରୁଥିଲେ ।

ବିଭିନ୍ନ ସମୟରେ ବାଦିପାଲା ଅୟୋଜନ ହେଉଥିଲା। ଗଣେଶ ପୂଜାରେ ରଣପୁର ଡାକ୍ତରଖାନା ନିକଟ ଗଣେଶ ବଜାରରେ ସପ୍ତାହେ ବ୍ୟାପି ବାଦିପାଲା ଅନୁଷ୍ଠିତ ହୁଏ। ଏହାକୁ ଦେଖିବାକୁ ରଣପୁର ଏବଂ ପାଖଆଖ ଅଞ୍ଚଳର ଅନେକ ପାଲା ପ୍ରେମୀ ପୁରୁଷ ଓ ମହିଳାମାନେ ଆସିଥାନ୍ତି।

୭୦ଦଶକର ଶେଷ ଏବଂ ୮୦ଦଶକର ପ୍ରାରମ୍ଭରେ 'ଯୁଗଜ୍ୟୋତି କ୍ଲବ' ଗଠନ ହୋଇଥିଲା। ତାହାର ପ୍ରମୁଖ ପୁରୋଧା ସାଜିଥିଲେ ପୂର୍ଣ୍ଣଚନ୍ଦ୍ର ସିଂଦେଓ (ଅଘରି ଦେଓ), ବିମଳ ଅଗ୍ରୱାଲ୍, ହୁରିଆ ଭାଇ, ପୁଅ ଭାଇ, ସ୍ୱର୍ଗତ ବାବୁଲା ପଟ୍ଟନାୟକ ଭାଇ, ସ୍ୱର୍ଗତ ଲକ୍ଷ୍ମୀଧର ସେନାପତି (ଲକ୍ଷ୍ମୀଧର ଟେଲର) ଓ ଆହୁରି ଅନେକ।

ଯୁଗଜ୍ୟୋତି କ୍ଲବଟି ଏବେକାର ଦାଣ୍ଡସାହି ସ୍ଥିତ ଆପୋଲୋ ଫାର୍ମାସ୍ୟୁଟିକାଲ ଦୋକାନଟି ଯେଉଁ ଘରେ ଅଛି ସେହିଠାରେ ଥିଲା। ସେହି ଘରଟି ଅନେକ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା। ତେଣୁ ସେହି ଘରଟିକୁ ସେତେବେଳେ ଖଣ୍ଡିଆ ଘର ଏବଂ କେହି କେହି ଭୂତକୋଠି ବୋଲି କହୁଥିଲେ। ଆମ ନିଜ ଘରଟି ମଧ୍ଯ ସେତେବେଳେ ଭୂତକୋଠି କୁହାଯାଉଥିବା ସେହି ଘରର ଠିକ୍ ପଡ଼ିଶା ଘରଟି।

୮୦ ଦଶକରେ ସେହିଠାରେ 'ଭୂତକୋଠି ମେଲୋଡି' ଆରମ୍ଭ ହୋଇଥିଲା।

କଣ୍ଡରାସିଙ୍ଗ ଗ୍ରାମର ପ୍ରତାପ ମହାପାତ୍ର (ପ୍ରତାପ ଭାଇନା), ନୟାଗଡର ନବ କିଶୋର ମିଶ୍ର, ବେଗୁନିଆର ଗୀତିକାର ସ୍ୱର୍ଗତ ସୋମନାଥ ରାଜଗୁରୁ, ସ୍ୱର୍ଗତ ଅରବିନ୍ଦ ମୁଦୁଲି, ସ୍ୱର୍ଗତ ରଙ୍ଗନାଥ ମିଶ୍ର (ରଙ୍ଗସାର), ତବଲା ବାଦକ ଦାଣ୍ଡସାହିର ସ୍ୱର୍ଗତ ହାଡ଼ିଆ ଭାଇ ଇତ୍ୟାଦି ପଞ୍ଚୁଦୋଳ, ରଥଯାତ୍ରା ଏବଂ କୌଣସି ବିଶେଷ ସମୟରେ ସେହିଠାରେ ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ମାନ ଆୟୋଜନ କରାଇବା ସହିତ ଯୋଗଦାନ କରିଥାନ୍ତି।

ଶ୍ରୀ ନବକିଶୋର ମିଶ୍ର ଅଲ ଇଣ୍ଡିଆ ରେଡିଓ କଳାକାର ଥିଲେ । ପରେ ପରେ ଅରବିନ୍ଦ ମୁଦୁଲି ମଧ୍ଯ ଅଲ୍ ଇଣ୍ଡିଆ ରେଡିଓର କଳାକାର ହେଲେ ।

ଅରବିନ୍ଦ ମୁଦୁଲି ମୂଳତଃ ଏବେକାର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିକଟ ଖଣତି ଗ୍ରାମର। କିନ୍ତୁ ତାଙ୍କର ଶ୍ୱଶୁରଘର ରଣପୁର ନିକଟ ନନ୍ଦପୁର ଗ୍ରାମରେ। ଅରବିନ୍ଦ ମୁଦୁଲିଙ୍କ ଶ୍ୱଶୁରଙ୍କ ନାମ ସ୍ୱର୍ଗତ ଗୌରାଙ୍ଗ ମୁଦୁଲି। ସେ ତାଙ୍କ ପଞ୍ଚାୟତର ସରପଞ୍ଚ ଥିଲେ। ଜଣେ କଳାକାର ଏବଂ କଳାପ୍ରୀୟ ସଜ୍ଜନ୍ ମଧ୍ଯ ଥିଲେ। ଆଜିର ଲୋକପ୍ରିୟ ଟିଭି ଓଡ଼ିଆ ମନୋରଞ୍ଜନ ଭିତ୍ତିକ ଚ୍ୟାନେଲ ସିଦ୍ଧାର୍ଥ ଟିଭି ଗ୍ରୁପର ଏବଂ ସାର୍ଥକ ମ୍ୟୁଜିକର ପ୍ରତିଷ୍ଠାତା ସୀତାରାମ ଅଗ୍ରୱାଲ ମୂଳତଃ ପୁରୀର ବାସିନ୍ଦା।

କିନ୍ତୁ ଚାରି ଦଶନ୍ଧିରୁ ଅଧିକ ସମୟ ହେବ କଟକରେ ତାଙ୍କର ସମ୍ପୂର୍ଣ୍ଣ ପରିବାର ସହିତ ସେ ରହୁଛନ୍ତି। ରଣପୁର ସହିତ ସୀତାରାମ ଅଗ୍ରୱାଲଙ୍କ ନିବିଡ ବନ୍ଧୁତା ସମ୍ପର୍କ ରହିଛି। ତାଙ୍କର ବଡ ଭଉଣୀ ରଣପୁର ଦାଣ୍ଡ ସାହିର ଶମ୍ଭୁନାଥ ଅଗରୱାଲଙ୍କୁ ବିବାହ କରିଥିଲେ।

ଅରବିନ୍ଦ ମୁଦୁଲିଙ୍କ ଶ୍ୱଶୁର ଗୌରାଙ୍ଗ ମୁଦୁଲି ଅନେକ ସମୟରେ ସମ୍ଭୁ ବାବୁ ଏବଂ ରଣପୁର ବଡ ଦାଣ୍ଡରେ ଥିବା ଶଙ୍କର କ୍ଲଥ ଷ୍ଟୋରକୁ ଆସନ୍ତି। ସେହି ଚିହ୍ନା ପରିଚୟରୁ ସମ୍ଭୁ ବାବୁ ଅରବିନ୍ଦଙ୍କୁ କଟକ ସୀତାରାମ ଅଗ୍ରୱାଲଙ୍କ ସହିତ ଚିହ୍ନା ପରିଚୟ କରାଇ ଦେଇଥିଲେ। ପରେ ପରେ ଅରବିନ୍ଦ କଟକରେ ସୀତାରାମଙ୍କ ପାଖରେ ରହି ଅନେକ ଭଜନ ରେକର୍ଡ଼ିଂ କରି ଲୋକପ୍ରିୟ ହୋଇଗଲେ। ସେତେବେଳକୁ ସୀତାରାମ ବାବୁଙ୍କର ବାବା ଜୀବିତ ଥାଆନ୍ତି ।

ପୁରୀରୁ କଟକ ସପରିବାରେ ସ୍ଥାନାନ୍ତର ପୂର୍ବରୁ ସୀତାରାମ ବାବୁଙ୍କ ପୈତୃକ ବ୍ୟବସାୟର ନାମ ଥିଲା ଜଗନ୍ନାଥ ଇଲେକ୍ଟ୍ରୋନିକ୍ସ (ଜେ. ଇ. ଇଲେକ୍ଟ୍ରୋନିକ୍ସ)। ଏବେ ସେ କଟକର ମାତାମଠ ଛକ ଠାରେ ରହୁଛନ୍ତି। ମୁଁ କିଛି ବର୍ଷ ତଳେ ତାଙ୍କ ଘରକୁ ଯାଇ ତାଙ୍କ ସହିତ

## କଳା ସଂସ୍କୃତି ଓ ବେଶଭୂଷା

ସାକ୍ଷାତ୍ କରିଥିଲି। ତାଙ୍କ ସ୍ୱର୍ଗତ ମାଆ ମୋ ସହିତ ରଣପୁର ବିଷୟରେ ବହୁତ କଥା ହୋଇଥିଲେ। ସିତାରାମ ବାବୁ ବହୁତ ସ୍ନେହୀ ଓ ବନ୍ଧୁ ବତ୍ସଳ ମଣିଷ।

୧୯୮୩ ମସିହାରେ ଓଡ଼ିଆ ଚଳଚ୍ଚିତ୍ର କାବେରୀ'ରେ ହାସ୍ୟ ଅଭିନେତା ଭାବରେ ଆମ ରଣପୁର ଅଞ୍ଚଳର ସ୍ୱର୍ଗତ ରଙ୍ଗନାଥ ମିଶ୍ର (ରଙ୍ଗ ଭାଇନା) ଅଭିନୟ କରିଥିଲେ। ରଣପୁରରେ ରଙ୍ଗଭାଇନାଙ୍କ ଘରଟି ଏବେକାର ଏନ୍.ଏ.ସି. ଅଫିସ ନିକଟରେ ଅବସ୍ଥିତ। ପେଶାରେ ସେ ଜଣେ ସରକାରୀ ସ୍କୁଲର ଶିକ୍ଷକ ଥିଲେ, କିନ୍ତୁ ନିଶା ତାଙ୍କର ଅଭିନୟ ଥିଲା । ତାଙ୍କ ପିତା ସ୍ୱର୍ଗତ ଗୋଦାବରିଶ ମିଶ୍ର ମୂଳତଃ ରଣପୁର ନିକଟସ୍ଥ ବୃନ୍ଦାବନପୁର ଶାସନ ଗ୍ରାମର। ଶିକ୍ଷା ବିଭାଗରେ ଚାକିରି କରିଥିବା ଶ୍ରୀ ମିଶ୍ର ଜଣେ ସ୍କୁଲ ଏସ.ଆଇ. ଥିଲେ। ରଙ୍ଗନାଥଙ୍କ ବଡ଼ଭାଇ ସ୍ୱର୍ଗତ ଚନ୍ଦ୍ରଶେଖର ମିଶ୍ର (ବାବା ଭାଇନା ଜଣେ ଅତ୍ୟନ୍ତ ମେଳାପି ମଣିଷ। ଜଗନ୍ନାଥ ମନ୍ଦିର ନିକଟରେ ତାଙ୍କର ଏକ ହୋମିଓପାଥି ଚିକିତ୍ସା ଔଷଧ ଦୋକାନ ଥିଲା। ରାଜନୀତି ଓ ସମାଜସେବା ସହିତ ଯୋଡ଼ି ହୋଇ ରହିଥିବା ବାବା ଭାଇନା ନୂତନ ଭାବେ ଗଠିତ ବୃନ୍ଦାବନପୁର ପଞ୍ଚାୟତର ପ୍ରଥମ ସମିତିସଭ୍ୟ ଭାବେ ୧୯୯୦ ମସିହାରେ ନିର୍ବାଚିତ ହୋଇଥିଲେ। ତା ପରେ ପରେ ବିଜୁ ବାବୁଙ୍କର ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶା ଖଦି ବୋର୍ଡର ଅଧକ୍ଷ ଭାବରେ ମଧ୍ଯ ଅଧିଷ୍ଠିତ ହୋଇଥିଲେ। ରଙ୍ଗ ଭାଇନାଙ୍କ ଭଳି ବାବା ଭାଇନା ମଧ୍ଯ ଜଣେ କଳାପ୍ରେମୀ ମଣିଷ ଥିଲେ।

ରଣପୁର ରାଜା ଶାସନ ସମୟରେ ରାଜ୍ୟର ଜନସାଧାରଣ ହସ୍ତତନ୍ତରେ ବୁଣା ଲୁଗାରେ ରଙ୍ଗଦିଆ ବସ୍ତ୍ର ପରିଧାନ କରୁଥିଲେ।

ଦେଶ ସ୍ୱାଧୀନ ହେବାପରେ ସିଲାଇ କରି ପ୍ୟାଣ୍ଟ, ସାର୍ଟ କିମ୍ବା ରେଡ୍ଡିମେଡ୍ ବସ୍ତ୍ର ପରିଧାନ କରୁଥିଲେ।

୧୭୭୦ ମସିହାରେ ୟୁରୋପ ମହାଦେଶର ଇଟାଲୀ, ଫ୍ରାନ୍ସରେ ଏବଂ ଆମ ଦେଶ ଭାରତରେ ଜିନ୍ସ ବସ୍ତ୍ର ତିଆରି କରାଯିବା ଆରମ୍ଭ ହୋଇଥିଲା ।

ମଇ ମାସ ୨୦, ୧୮୭୩ ମସିହାରେ ଆମେରିକାରେ ବ୍ଲୁ ଜିନ୍ସ ବିଖ୍ୟାତ ଲେଭିସ ଷ୍ଟାରକସ୍ ଏଣ୍ଡ କୋ ଏବଂ ଯାକୋବ୍ ଡେଭିସ୍ ବଜାରକୁ ଆଣିଥିଲେ ।

ରଣପରକୁ ଜିନ୍ସ ପ୍ୟାଣ୍ଟ ଏବଂ ଜ୍ୟାକେଟ ପିନ୍ଧି ପ୍ରଥମେ ୧୯୮୦ ପ୍ରାରମ୍ଭରେ ଶାମୁକା ସାହିର ଆମର ସମସ୍ତଙ୍କର ପ୍ରିୟ ନିଲୁନନା (ସୁବ୍ରତ ସିଂହଦେଓ) ଆସିଥିଲେ। ସେ ସେତେବେଳେ ଜବାହରଲାଲ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ସେ ବିଖ୍ୟାତ ଶିକ୍ଷାବିତ୍ ସ୍ୱର୍ଗତ ରବିନାରାୟଣ ସିଂହ ଦେଓଙ୍କର ଜ୍ୟେଷ୍ଠ ପୁତ୍ର ଓ ଶାନ୍ତନୁ ସିଂହ ଦେଓ (ମୁନା ଭାଇ) ଏବଂ ବେବୀ ଦେଓଙ୍କର ବଡ଼ଭାଇ ।

ଅଧୁନା ସେ ଭୁବନେଶ୍ୱର ଏବଂ ରାଜ୍ୟର ଅନେକ ସ୍ଥାନରେ ଥିବା ତାଙ୍କର ଅନୁଷ୍ଠାନ ମାଧ୍ୟମ ଫାଉଣ୍ଡେସନ ଜରିଆରେ ଅନେକ ଶିକ୍ଷିତ ଯୁବକଙ୍କୁ ରୋଜଗାର ଦେଇଛନ୍ତି।

ରଣପୁର କଲେଜକୁ ପ୍ରଥମେ ଆମର ବାଲ୍ୟ ବନ୍ଧୁ ମନୋରଞ୍ଜନ ସାହୁ (କ ସାହୁ), ଆଶିଷ କୁମାର ଦାସ (ସିକୁ), ସାରଙ୍ଗଧରପୁରର ଟୁଲୁ ମହାପାତ୍ର, ମୁଁ ନିଜେ ଏବଂ ଆହୁରି ଅନେକ ଜିନ୍ସ ପ୍ୟାଣ୍ଟ ପିନ୍ଧି ଯାଉଥିଲୁ।

ରଣପୁର ଟାଉନରୁ ମୁନା ଦେଓ , ନରି ଦେଓ (ନରି ନନା), ମିଲୁଭାଇ, ମଧୁ ମିଶ୍ର ସାରଙ୍ଗଧରପୁରର ବନ୍ଧୁ ଟୁଲୁ, ମୋର ବାଲ୍ୟ ବନ୍ଧୁ ଏବଂ ପଡ଼ୋଶୀ ସନ୍ଦୀପ ମହାପାତ୍ର (ଟିଟୁନ୍) ସେତେବେଳେ ଖୋର୍ଦ୍ଧାର ପ୍ରାଣନାଥ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଏବେ ଭାରତ ସରକାରଙ୍କର କୋଲକୋତା କ୍ୟାର୍ଡର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ ସନ୍ତୋଷ ବାରିକ ଭାଇ ମଧ୍ଯ ଜିନ୍ସ ପିନ୍ଧୁଥିଲେ ।

୧୯୭୦ଦଶକରେ ସାରା ବିଶ୍ୱରେ ହିପି (କାନ ଉପର ପର୍ଯ୍ୟନ୍ତ ଲମ୍ବା ଚୁଟି) ଯୁଗ ଆସିଥିଲା ଯୁବକମାନେ ଲମ୍ବା ଲମ୍ବା କେଶ, ଟାଇଟ ଫିଟିଙ୍ଗ ସାର୍ଟ, ଡଗ୍ କଲର୍ ସହ ବେଲ ବଟନ୍ ପ୍ୟାଣ୍ଟ ଓ ହାଇ ହିଲ୍ର ଜୋତା ଫ୍ୟାସନ ବହୁଳ ଭାବରେ ଚାଲିଥିଲା ।


ଆମ ରଣପୁରରେ ସବୁଠାରୁ ବଡ଼ ବେଲ ପ୍ୟାଣ୍ଟ ଚନ୍ଦ୍ର ଭାଇ (ଚନ୍ଦ୍ରଶେଖର ସିଂହ ସାମନ୍ତ) ପିନ୍ଧୁ ଥିଲେ। ପୂର୍ଣ୍ଣ ରାୟ (ପୂର୍ଣ୍ଣ ଭାଇ) ସାନଗଡ, ନକୁଳ ଭାଇ (ରାଜନ ଗଡ), ଜିଲୁ ଭାଇ, ଲୁଲିଆ ଭାଇ (ଡ଼.ଅସିତ୍ କୁମାର ଦାସ), ଦିପ୍ତି ସାମନ୍ତରାୟ ଭାଇ ( ପ୍ରିନ୍ସିପାଲ ମନ୍ଦାରବସ୍ତ କଲେଜ, ଖୋର୍ଦ୍ଧା), ସ୍ୱର୍ଗତ ଆଡଭୋକେଟ୍ ଶ୍ରୀ କୈଳାସ ଚନ୍ଦ୍ର ପ୍ରହରାଜ, ଆମର ପୂର୍ବତନ ବିଧାୟକ ଓ ରାଜ୍ୟସଭା ସାଂସଦ ରବି ନାରାୟଣ ମହାପାତ୍ର (ରବି ଭାଇନା) ହିପ୍ପୀ ଷ୍ଟାଇଲର ଚୁଟି ସହ ବେଶ ପୋଷାକ ଏବଂ ହାଇ ହିଲ୍ ଜୋତା ପିନ୍ଧିବାର ମୁଁ ଦେଖିଛି।

କଦମ୍ବ ସାହିର ଶରତ ଚନ୍ଦ୍ର ପୃଷ୍ଟି ଆମ ରଣପୁରର ସ୍ପାଇଡର ମ୍ୟାନ ଥିଲେ । ବଡ଼ ବଡ଼ ଉଚ୍ଚତା ଜାଗାକୁ ଚଢ଼ିଯିବା ତାଙ୍କର ଏକ ଈଶ୍ୱର ପ୍ରଦତ୍ତ କଳା ଥିଲା। ମଣିନାଗ ପାହାଡ଼ ଉପରେ ଚଣ୍ଡେଶ୍ୱର ସାହିର ତାଙ୍କର ଜଣେ ବାଲ୍ୟବନ୍ଧୁ ୮୦ଦଶକରେ ଆତ୍ମହତ୍ୟା କରିଦେଇଥିଲେ। ସେ ତାଙ୍କର ମୃତ ଶରୀରକୁ ପାହାଡ଼ ଉପରୁ ଏକା କାନ୍ଧେଇ ନେଇ ଆସିଥିଲେ। ପୋଖରୀ, ନଦୀରେ ପହଁରିବା, ଶଗଡ଼ ଚକକୁ ଟେକି ବୁଲାଇବା ଏବଂ ଗହ୍ମା ଡେଇଁବା ଇତ୍ୟାଦି ତାଙ୍କର ବାଁ ହାତର ଖେଳ ଥିଲା। ଏହି ଆଲେଖ୍ୟ ସହ ଈଶ୍ୱରଙ୍କ ନିକଟରେ ସ୍ପାଇଡର ମ୍ୟାନ ଶରତ ପୃଷ୍ଟିଙ୍କର ଦୀର୍ଘାୟୁ କାମନା କରୁଛି। (କ୍ରମଶଃ)


*ବଡ଼ଦାଣ୍ଡ ସାହି, ରାଜ-ରଣପୁର*
*ମୋ : ୯୪୩୭୨ ୨୮୮୫୬*


ରବି ନାରାୟଣ ମହାପାତ୍ର


ପୂର୍ଣ୍ଣ ଚନ୍ଦ୍ର ରାଏ


ସୁବ୍ରତ ସିଂଦେଓ


ଡ. ଅସିତ୍ ଦାସ


ମନୋରଞ୍ଜନ ସାହୁ


ଚନ୍ଦ୍ର ଶେଖର ସିଂହସାମନ୍ତ


ବିମଳ ଅଗ୍ରୱାଲ

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୯୦୯୦୨୨୫୩୫୩
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# "THERE IS NO PEACE ON A HOTTER PLANET"

## Climate Change, Human Conflict, and the Environment That Shapes Us



Nihar Ranjan Acharya

We often speak of climate change and world peace as two separate global challenges. One belongs to the environmental agenda; the other to diplomacy, politics and international security. But the reality is far more interconnected. A changing climate can intensify competition, displacement, inequality and social tension—and therefore threaten the foundations of peace.

The simple truth is this: we are products of our environment.

Human beings do not exist outside nature. The air we breathe, the water we drink, the food we grow and the ecosystems that sustain us shape our health, economy, culture and social relationships. When these foundations become unstable, human societies become vulnerable.

Climate change is already putting enormous pressure on these foundations. Rising temperatures, unpredictable rainfall, floods, droughts, wildfires, melting glaciers and sea-level rise can damage homes, agriculture, infrastructure and livelihoods. For millions of people, climate change is not an abstract scientific concept; it is a daily struggle for survival.

And where survival becomes uncertain, competition can grow.

Imagine a region where water is becoming scarce. Farmers struggle to irrigate their fields. Livestock populations decline. Food prices rise. Young people leave their villages in search of work. Cities receive large numbers of migrants but lack adequate housing and employment. Social pressure increases. In such circumstances, political instability and conflict can become easier to ignite.


Climate change, therefore, may not always directly cause a war, but it can act as a threat multiplier—making existing inequalities, political tensions and resource disputes more difficult to manage.

There is another dimension that deserves equal attention: environmental destruction itself can become a form of violence against future generations.

When forests disappear, rivers are polluted, wetlands are destroyed and biodiversity collapses, we are weakening the life-support systems upon which humanity depends. Development that destroys ecological security may create short-term economic gains while producing long-term instability.

Peace, therefore, cannot simply mean the absence of war. True peace requires ecological security, social justice and access to basic resources.

The connection between climate and peace also gives humanity an opportunity. Environmental challenges can become reasons for cooperation rather than confrontation. Countries that share rivers, forests, oceans and ecosystems have a common interest in protecting them. Scientific collaboration, climate finance, renewable energy partnerships, disaster preparedness and sustainable agriculture can build bridges between societies.




Perhaps this is where we need a fundamental change in thinking.

We have spent centuries drawing boundaries on maps and competing over resources, while nature recognizes none of these political borders. The atmosphere is shared. Oceans are shared. The climate system is shared. Pollution released in one place can affect people thousands of kilometres away.

The planet is one interconnected home.

If we want peace among nations, we must also learn to live peacefully with nature. Protecting forests is not merely an environmental activity. Conserving water is not merely a development policy. Reducing emissions is not merely a climate target. These are investments in human security and global stability.

The future of peace may therefore depend partly on how intelligently we manage the planet.

We cannot build a peaceful civilization on a destabilized Earth.

A healthier planet can create healthier societies; healthier societies are more capable of cooperation; and cooperation is the foundation of lasting peace.

Climate action, ultimately, is not only about saving the planet.

It is about creating the conditions in which humanity can continue to live together—peacefully.

Scientific Officer, Indian Climate Congress
Ph. 8249775817
E-Mail: nihar.acharya1973@gmail.com



# GST Litigation: Appeal Mechanism and Practical Hardships


**Deepak Kumar Mohanty**

The Goods and Services Tax (GST) law provides a structured appellate mechanism to protect taxpayers against erroneous or arbitrary orders. Appeals generally begin before the First Appellate Authority, followed by the GST Appellate Tribunal, High Court and, on appropriate questions of law, the Supreme Court.

Under Section 107 of the CGST Act, an aggrieved taxpayer can file a first appeal against an adjudication order, subject to the prescribed limitation and pre-deposit requirements. Further appeal lies before the GST Appellate Tribunal under Section 112, while substantial questions of law may be taken to the High Court.

Though the system is intended to ensure fairness and natural justice, taxpayers often face practical difficulties, pre-deposit burdens, delays, repeated notices, technical problems on the GST portal, procedural complexities and inconsistent interpretations. The perception that departmental appellate authorities may be more concerned with protecting revenue than providing independent relief is also a recurring concern.

At the same time, it would be inappropriate to describe the entire GST appellate system as




"harassing". Appellate authorities and courts have also provided substantial relief where tax authorities have acted without jurisdiction, violated natural justice or passed unsustainable orders.

Another important issue is the cost of GST litigation for small businesses. Even where the taxpayer has a strong case, the financial burden of pre-deposits, professional fees and prolonged proceedings can discourage legitimate appeals.

A related practical issue concerns GST on hiring or renting of passenger vehicles with a driver. Where the applicable concessional rate of 5% is adopted subject to the relevant notification conditions, the supplier generally cannot claim regular input tax credit on inputs used for that supply, subject to specified exceptions. A taxpayer opting for the applicable 12% rate, where legally available, may generally claim eligible ITC, subject to the CGST Act and applicable restrictions, including Section 17(5).

Therefore, vehicle operators should carefully examine the applicable notification, rate option and ITC conditions rather than deciding solely on the basis of the GST rate.

GST was introduced to simplify indirect taxation, but an effective tax system requires not only revenue collection but also fair and accessible dispute resolution. Faster disposal of appeals, independent and reasoned adjudication, reliable GST portal facilities and reduced procedural burdens can substantially improve taxpayer confidence.

A strong appellate system is ultimately not a concession to taxpayers; it is an essential component of the rule of law and a credible tax administration.

*Advocate, Orissa High Court, Cuttack-2*




## ସତ୍ୟବାଦୀ, ଅଳଗୁମରେ ସ୍ୱଚ୍ଛତା ରାଲି ଓ ସଚେତନତା କାର୍ଯ୍ୟକ୍ରମ

**ସତ୍ୟବାଦୀ (ଭିଓଭି) :** ମାଇଁ ଭାରତ ଅନୁଷ୍ଠାନ ପକ୍ଷରୁ ଚଳିତ ମାସ ୧୩ ତାରିଖରେ ଅଳଗୁମ ଖଣ୍ଡାୟତ ସାହିଠାରେ ଏକ ସ୍ୱଚ୍ଛତା ରାଲି ଓ ସଚେତନତା କାର୍ଯ୍ୟକ୍ରମ ଉତ୍ସାହର ସହ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛ ଗ୍ରାମ, ସୁସ୍ଥ ସମାଜ ଓ ସୁସ୍ଥ ପରିବେଶ ଗଠନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ଓ ଯୁବତୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହିଳାମାନଙ୍କ ଦ୍ୱାରା ଗ୍ରାମର ବିଭିନ୍ନ ସ୍ଥାନରେ ସଫେଇ କରାଯାଇଥିଲା। ଏହାପରେ ଯୁବତୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ସ୍ୱଚ୍ଛତା, ପରିମଳ ଓ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦିଆଯାଇଥିଲା। ଘର ଓ ଗ୍ରାମର ପରିବେଶକୁ ସ୍ୱଚ୍ଛ ରଖିବା, ଅଳିଆ ଆବର୍ଜନାକୁ ଏଣେତେଣେ ନ ଫିଙ୍ଗିବା, ପରିମଳ ବ୍ୟବସ୍ଥା ପ୍ରତି ଯତ୍ନବାନ ହେବା ଏବଂ ପରିବେଶ ସୁରକ୍ଷାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଅଭ୍ୟାସରେ ପରିଣତ କରିବା ସହ ଗ୍ରାମର ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କୁହାଯାଇଥିଲା। ଏହି ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ପୁରୀର ମାଇଁ ଭାରତ ଅନୁଷ୍ଠାନ, ଓ୍ୱାଦା ଅନୁଷ୍ଠାନ, ଖଣ୍ଡାୟତ ସାହିର ମା' ପଦ୍ମାବତୀ ଯୁବକ ସଂଘ ଓ ପରିବର୍ତ୍ତନ ଯୁବକ ସଂଘର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ଯୁବକ ଓ ମହିଳାମାନଙ୍କ ସକ୍ରିୟ ସହଭାଗିତା ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଏଥିରେ ସତ୍ୟବାଦୀ କୃଷକ ଉତ୍ପାଦକ ସଂଗଠନର ପରିଚାଳନା ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ମହାନ୍ତି, ସୁଲୋଚନା ବିଶ୍ୱାଳ ଓ କଳ୍ପନା ନାୟକଙ୍କ ସମେତ ପ୍ରଶିକ୍ଷକ, ସହଯୋଗୀ ଅନୁଷ୍ଠାନର ସଦସ୍ୟ ଓ ସଭ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି ସ୍ୱଚ୍ଛତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଗଲେ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଅଧିକ ସଚେତନତା ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଥିଲା।

## କାଠଗଡ଼ାରେ ବୃନ୍ଦାବନପୁର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର

**ରଣପୁର (ଭିଓଭି) :** ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲିବା ପାଇଁ ଯୋଜନା କରିଥିଲେ । ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ବୃନ୍ଦାବନପୁର ଗ୍ରାମ ପଞ୍ଚାୟତରେ ଦୀର୍ଘଦିନ ହେଲା ଅର୍ଦ୍ଧନିର୍ମିତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଗୃହ ଏବେ କାଠଗଡାରେ। ସରକାରଙ୍କ ଆରୋଗ୍ୟ କେନ୍ଦ୍ର ଏବେ ଭଡ଼ା ଘରେ ଚାଲୁଅଛି।

ଅର୍ଦ୍ଧନିର୍ମିତ କୋଠା ଘରଟି ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ପାଲଟିଛି। ସନ୍ଧ୍ୟା ହେଲେ ସେଇବାଟ ଦେଇ ସାଧାରଣ ଲୋକ ଯିବା ଆସିବା ନିମନ୍ତେ ନିରାପଦ ମଣୁ ନାହାନ୍ତି। ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ପୁଷ୍ପାଞ୍ଜଳି ମିଶ୍ର ପଞ୍ଚାୟତ ସମିତିର ସଭା ଓ ଅନ୍ୟାନ୍ୟ ଉପରିସ୍ଥ ବିଭାଗୀୟ ଅଧିକାରୀ ମାନଙ୍କୁ ବାରମ୍ବାର ଏ ବିଷୟର ସମାଧାନ କରିବା ନିମନ୍ତେ ଅନୁରୋଧ କରିଲେ ମଧ୍ୟ ଫଳ ଶୂନ। ସ୍ୱାସ୍ଥ୍ୟ ଓ ଆର.ଡି ବିଭାଗ ଅଧିକାରୀ ମାନଙ୍କୁ ଅବଗତ କରାଗଲେ ମଧ୍ୟ କୋର୍ଟର ବାହାନା କରି ଏହି ସମସ୍ୟାକୁ ସମସ୍ତେ ଏଡାଇ ଚାଲୁଛନ୍ତି। ଏ ନେଇ ଦିନକୁ ଦିନ ସ୍ଥାନୀୟ ଅଧିବାସୀଙ୍କ ମନରେ ଅସନ୍ତୁଷ୍ଟ ବଢ଼ିଚାଲିଛି। ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରୁଛନ୍ତି କାହିଁକି ଓ କିପରି ବିବାଦୀୟ ସ୍ଥାନରେ ଏକ ସରକାରୀ ଯୋଜନା ନିମନ୍ତେ ଗୃହ ନିର୍ମାଣ କରାଗଲା? ଗୃହ ନିର୍ମାଣ ନିମନ୍ତେ ସ୍ଥାନ ଚିହ୍ନଟ କେଉଁ ବିଭାଗ କରିଥିଲା? ବିବାଦୀୟ ସ୍ଥାନ ପାଇଁ




ସରକାରୀ ଅନୁଦାନ କିପରି ଆସିଲା ? ଗୃହ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିବା ବେଳକୁ ଜନୈକ ବ୍ୟକ୍ତିବିଶେଷ କୋର୍ଟର ଆଶ୍ରୟ କାହିଁକି ନେଲେ, ଏବଂ ପ୍ରଥମରୁ କାହିଁକି ଚୁପ୍ ବସିଥିଲେ ? ସବୁଠାରୁ ଆଶ୍ଚର୍ଯ୍ୟ ଓ ଚକିତ କରିବା ଭଳି ବିଷୟ ଯେ ଏତେ ସବୁ ବିରୋଧ ସତ୍ତ୍ୱେ ବିଲ୍ କିପରି ପାସ୍ ହେଲା ? ଏହାକୁ ନେଇ ଅନେକ ପ୍ରଶ୍ନ ଛିଡା ହୋଇଛି। ଗୋଟିଏ ପଟେ ବିବାଦୀୟ ଜାଗାରେ ସରକାରୀ ପଇସାର ବୃଥା ବିନିର୍ଯୋଗ କରି ପଇସା ହରିଲୁଟ କରାଯାଉଥିବା ବେଳେ ସରକାର ମାସିକ ଭଡ଼ା ଦେଇ ଭଡ଼ା ଘରେ କେତେଦିନ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆରୋଗ୍ୟ ମନ୍ଦିର ଚଳାଇବେ ବୋଲି ଅଞ୍ଚଳ ବାସୀ ଆଲୋଚନା କରୁଛନ୍ତି।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** | **ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**